୬ ଇତିହାସ ରଚିଲେ ସୁନାପୁଅ ନୀରଜ ଚୋପ୍ରା
ଜିତିଲେ ପ୍ୟାରିସ୍ ଡାଇମଣ୍ଡ ଲିଗ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୩ ● ସଂଖ୍ୟା-୧୪୪ ● ୨୨ ଜୁନ୍ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-144 ● 22nd June 2025, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# ଯୋଗମୟ ଦେବଭୂମି : ସାରା ବିଶ୍ୱକୁ ଯୋଡ଼ିଛି

**ଡେରାଡୁନ/ବିଶାଖାପାଟଣା, ୨୧।୬**

୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଭାରତ ସମେତ ସାରା ବିଶ୍ୱରେ ପାଳନ କରାଯାଇଛି । ଏହି ଅବସରରେ ପାହାଡ଼ରୁ ନେଇ ମୈଦାନ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଭୂମି ଯୋଗମୟ ହୋଇଯାଇଛି । ଡେରାଡୁନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଭରାଡ଼ୀସୈଣରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କ ସହିତ ଅନେକ ଦେଶର ରାଜଦୂତମାନେ ଯୋଗ କରିଛନ୍ତି । ଯୋଗ ଦିବସର ଉତ୍ସାହ ଏତେ ଥିଲା ଯେ ଚାରି ଧାମ – ଗଙ୍ଗୋତ୍ରୀ, ଯମୁନୋତ୍ରୀ, ବଦ୍ରିନାଥ ଓ କେଦାରନାଥରେ ମଧ୍ୟ ଲୋକେ ଯୋଗ ଅଭ୍ୟାସ କରିଥିଲେ । ନୈନିତାଲରେ ଛାତ୍ରଛାତ୍ରୀମାନେ ମଧ୍ୟ ଯୋଗ କରିଛନ୍ତି ।

ଡେରାଡୁନ ପୋଲିସ ଲାଇନ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସକାଳେ ଯୋଗ କରିଥିଲେ । ତାଙ୍କ ସହିତ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ଗୁରମୀତ ସିଂହ ଓ ମନ୍ତ୍ରୀ ସୁବୋଧ ଉନିୟାଲଙ୍କ ସହିତ ବହୁତ ସଂଖ୍ୟାରେ ଲୋକେ ଯୋଗ କରିଥିଲେ । ରାଷ୍ଟ୍ରପତି ମୁର୍ମୁ ଡେରାଡୁନରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସର ଶୁଭାରମ୍ଭ କରିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତରାଖଣ୍ଡକୁ ଦେଶର ଯୋଗ, ଚେତନା ଓ ବୈଦିକ ଐତିହ୍ୟର କେନ୍ଦ୍ର ବୋଲି ବର୍ଣ୍ଣନା କରିଛନ୍ତି । ଏହା ସହିତ ସେ କହିଛନ୍ତି ଯେ ଯୋଗ ଭାରତର ସଫ୍ଟ ପାୱାରର ଏକ ଶକ୍ତିଶାଳୀ ଉଦାହରଣ । ରାଷ୍ଟ୍ରପତି କହିଛନ୍ତି ଯେ ଯୋଗ ଗୋଟିଏ ବ୍ୟକ୍ତିଙ୍କୁ ଅନ୍ୟ ବ୍ୟକ୍ତି ସହ, ଗୋଟିଏ ସମୁଦାୟକୁ ଅନ୍ୟ ସମୁଦାୟ ସହ ଓ ଗୋଟିଏ ଦେଶକୁ ଅନ୍ୟ ଦେଶ ସହ ଯୋଡିବାର କାମ କରିଥାଏ । ବିଶ୍ୱର ଲୋକମାନେ ଏଥିରୁ ଲାଭାନ୍ୱିତ ହେଉଛନ୍ତି । ସେ କହିଛନ୍ତି ଯେ ଯେତେବେଳେ ବ୍ୟକ୍ତି ସୁସ୍ଥ ରହେ, ତେବେ ତାଙ୍କର ପରିବାର ସୁସ୍ଥ ରହେ, ଓ ପରିବାର ସୁସ୍ଥ ରହିଲେ, ଦେଶ ସୁସ୍ଥ ରହେ । ଯୋଗକୁ ଜୀବନ ଜୀଇଁବାର ଏକ ମାଧ୍ୟମ କରିବା ପାଇଁ ସେ ସମସ୍ତଙ୍କୁ ପ୍ରେରିତ କରିଛନ୍ତି ଓ ସମସ୍ତ ସଂସ୍ଥାଙ୍କୁ ଅପିଲ୍ କରିଛନ୍ତି ଯେ ଯୋଗକୁ ଜନସୁଲଭ କରାଯାଉ ।

ଅନୁରୂପ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବିଶାଖାପାଟଣା ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆୟୋଜିତ ଜାତୀୟ ସମାରୋହରେ ବିଶ୍ୱର ସମସ୍ତ ଲୋକଙ୍କୁ ଯୋଗଦିବସର ଶୁଭେଚ୍ଛା ଜଣାଇଛନ୍ତି । ସେ (ପୃଷ୍ଠା ୭ରେ)





## ଯୋଗକୁ ବିଦ୍ୟାଳୟ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ

**ଭୁବନେଶ୍ୱର, ୨୧।୬**
**ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର ବୋଲି କହିଛନ୍ତି । ଏହି ଅବସରରେ (ପୃଷ୍ଠା ୭ରେ)



# ଭାରତୀୟ ମାଟିରେ ଆତଙ୍କବାଦୀ ଆକ୍ରମଣ କଲେ ରକ୍ଷା ନାହିଁ

**ଉଧମପୁର, ୨୧।୬**

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ କଡା ଚେତାବନୀ ଶୁଣାଇଛନ୍ତି । ସେ କହିଛନ୍ତି ଯେ, ଭବିଷ୍ୟତରେ ଭାରତ ଭୂମିରେ ଯଦି କୌଣସି ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ପାକିସ୍ତାନକୁ ତା'ର ଗୁରୁତର ପରିଣାମ ଭୋଗିବାକୁ ପଡିବ । ଅପେରେସନ୍ ସିନ୍ଦୂର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ଭାରତ ଏହି ବିପଦ ବିରୋଧରେ କୌଣସି ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଯୋଗଦିବସ ଅବସରରେ ଉତ୍ତର କମାଣ୍ଡର ଯବାନମାନଙ୍କୁ ସମ୍ବୋଧନ କରିବା ସମୟରେ ପାକିସ୍ତାନକୁ ଏହି କଡା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ 'ଅପରେସନ୍ ସିନ୍ଦୂର' ଏହି ବାର୍ତ୍ତା ଦେଇଛି ଯେ, ଭାରତ



ବିରୋଧରେ ପାକିସ୍ତାନର 'ହଜାର କଟ୍' ନୀତି କେବେ ବି ସଫଳ ହେବ ନାହିଁ । ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହିତ ଉପସ୍ଥିତ ରହିଥିବା ସିଂହ କହିଛନ୍ତି ଯେ, 'ଅପରେସନ୍ ସିନ୍ଦୂର' ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ଏହି ଅଭିଯାନ ମାଧ୍ୟମରେ ଆମେ ପାକିସ୍ତାନକୁ ସ୍ପଷ୍ଟ କରିଦେଇଛୁ ଯେ ଭାରତ ବିରୋଧରେ ଚାଲୁଥିବା ଆତଙ୍କବାଦକୁ ଆମେ କେବେ ବି ବରଦାସ୍ତ କରିବୁ ନାହିଁ । ଏହାର ଜବାବ ଦିନକୁ ଦିନ ଅଧିକ କଠୋର ହେବ ।

## ଡିଜିସିଏର କଡ଼ା କାର୍ଯ୍ୟାନୁଷ୍ଠାନ : ହଟିଲେ ୩ ଅଧିକାରୀ

**ନୂଆଦିଲ୍ଲୀ, ୨୧।୬**

ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ଆକ୍ସନ ମୋଡରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ । ଏୟାର ଇଣ୍ଡିଆ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଡିଜିସିଏ । କଠୋର ଆଭିମୁଖ୍ୟ ସ୍ୱରୁପ କ୍ରୁ ସିଡ୍ୟୁଲିଂ ବିଭାଗର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିମାନ ସୁରକ୍ଷା ପ୍ରୋଟକଲର ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏମାନଙ୍କ ମଧ୍ୟରେ ଚୁରା ସିଂହ (ଡିଭିଜନାଲ ଭାଇସ ପ୍ରେସିଡେଣ୍ଟ), ପିଙ୍କି ମିତ୍ତଲ (ମୁଖ୍ୟ ପରିଚାଳକ- କ୍ରୁ ସିଡଲିଂ) ଏବଂ ପାୟଲ ଆରୋରା (କ୍ରୁ ସିଡ୍ୟୁଲିଂ- ପ୍ଲାନିଂ) ଅନ୍ତର୍ଭୁକ୍ତ । ଡିଜିସିଏ ସ୍ପଷ୍ଟ କରିଛି ଯେ ଏହି ଅଧିକାରୀମାନଙ୍କୁ କ୍ରୁ ସିଡ୍ୟୁଲିଂ ଦାୟିତ୍ୱରୁ ତୁରନ୍ତ ବହିଷ୍କାର କରାଯିବ ।

ଡିଜିସିଏ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଅଧିକାରୀମାନେ ଅନେକ ଗୁରୁତର ତ୍ରୁଟିରେ ଜଡିତ ଥିବା ଜଣାପଡିଛି । ଏହି ନିର୍ଦ୍ଦେଶ ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଉଡ଼ାଣ ଆରମ୍ଭ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସବୁ ଆଡେ ଖାଲି ଶିଳ୍ପ ବସିବ
ବିକଶିତ ହେବ ଗାଁ
ଛତିଶି ଭିତରେ ବତିଶି ଦେଖେଇ
ଖୁସିରେ ହସିବେ ହାଁ...
ବିରୋଧୀଙ୍କ ପାଟି ଆଁ
ସପନକୁ ସତ କରିଲେ ସର୍କାର
ପଥରେ ଲେଖିବେ ନାଁ ।

## ଡାଇରିଆ ପରିସ୍ଥିତି ନିୟନ୍ତ୍ରଣାଧୀନ, ସତର୍କ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୧।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଛଅଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତି ଓ ଏହାର ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବାଭବନ ଠାରେ ସମୀକ୍ଷା କରିଛନ୍ତି ।



ରାଜ୍ୟରେ ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣାଧୀନ ଓ ନୂତନ ସଂକ୍ରମିତଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ହ୍ରାସ ପାଇଥିବା ନେଇ ବୈଠକରୁ ଜଣାପଡିଛି ଏବଂ ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ଡାଇରିଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ଜନଜୀବନ ସ୍ୱାଭାବିକ ସ୍ଥିତିକୁ ଫେରି ଆସୁଛି ।

ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଡାଇରିଆ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି ଓ ସଂକ୍ରମଣ ଦ୍ରୁତ ହ୍ରାସ ପାଉଛି (ପୃଷ୍ଠା ୭ରେ)

## ସୁବର୍ଣ୍ଣରେଖାରେ ବନ୍ୟା : ବାଲେଶ୍ୱରର ୩ ବ୍ଲକ୍ ପ୍ରଭାବିତ



**ଭୁବନେଶ୍ୱର, ୨୧।୬ : ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣରେଖାରେ ବନ୍ୟା ପାଣି ଯୋଗୁଁ ବାଲେଶ୍ୱରର ୩ ବ୍ଲକ୍ ପ୍ରଭାବିତ ହୋଇଛି ବୋଲି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ବାଲେଶ୍ୱରର ବସ୍ତା, ବାଲିଆପାଳ, ଭୋଗରାଇରେ ତଳିଆ ଅଞ୍ଚଳ ପ୍ରଭାବିତ ହୋଇଛି । ରାଜଘାଟରେ (ପୃଷ୍ଠା ୭ରେ)

## ଭାସିଗଲେ ଯୁବକ

**ଭୋଗରାଇ, ୨୧।୬**
**ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣରେଖା ବନ୍ୟାରେ ଜଣେ ଯୁବକ ଭାସିଯାଇ ନିଖୋଜ ଥିବାର ସୂଚନା ମିଳିଛି । ଯୁବକକୁ ଉଦ୍ଧାର କରିବା ନିମନ୍ତେ ଅଗ୍ନିଶମ ବିଭାଗ ପକ୍ଷରୁ ନଦୀରେ ଉଦ୍ୟମ ଜାରି ରହିଛି । ଭୋଗରାଇ ବ୍ଲକ କୁହ୍ଲା ଗ୍ରାମର ନବକୃଷ୍ଣ ପିଳା ନଦୀସ୍ରୋତରେ ଭାସିଯାଇଥିବାର ଅଭିଯୋଗ ହୋଇଛି । ସୂଚନାନୁଯାୟୀ, ସୁବର୍ଣ୍ଣରେଖାର ଉପରମୁଣ୍ଡାରେ ଭୀଷଣ (ପୃଷ୍ଠା ୭ରେ)

## ସିନ୍ଧୁ ଜଳବଣ୍ଟନ ଚୁକ୍ତି ଆଉ ପୂର୍ବଭଳି ଲାଗୁ ହେବ ନାହିଁ : ଶାହ

**ନୂଆଦିଲ୍ଲୀ, ୨୧।୬**

ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସରକାର ସିନ୍ଧୁ ଜଳବଣ୍ଟନ ଚୁକ୍ତିକୁ ସ୍ଥଗିତ ରଖିଦେଇଥିଲେ । ଏହାକୁ ପୁଣି ଲାଗୁ କରିବାକୁ ପାକିସ୍ତାନ ସରକାର ବାରମ୍ବାର ଭାରତକୁ ଅନୁରୋଧ କରିଚାଲିଛନ୍ତି । କିନ୍ତୁ ଭାରତ ନିଜ ନିଷ୍ପତ୍ତିରେ ଅଟଳ ରହିଛି ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୧୯୬୦ ମସିହାରେ ହୋଇଥିବା ସିନ୍ଧୁ ଜଳ ଚୁକ୍ତିନାମା କେବେବି ପୂର୍ବଭଳି ଲାଗୁ ହେବ ନାହିଁ । ସେ କହିଛନ୍ତି ଯେ ପାକିସ୍ତାନର ଶାନ୍ତି ଏବଂ ବିକାଶର ଭାବନାର ନିରନ୍ତର ଉଲ୍ଲଂଘନ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି ।

ଶାହ ଏହା ମଧ୍ୟ କହିଛନ୍ତି ଯେ ସିନ୍ଧୁ ନଦୀର ପାଣି ଏବେ ପାକିସ୍ତାନକୁ ନୁହେଁ ବରଂ ରାଜସ୍ଥାନ ଭଳି ଭାରତୀୟ ରାଜ୍ୟର ଚାଷଜମିକୁ ପ୍ରବାହିତ ହେବ । ଶାହ ଏକ ସାକ୍ଷାତକାରରେ କହିଥିଲେ ଯେ ଆମେ ଚୁକ୍ତିନାମାକୁ ସ୍ଥଗିତ ରଖିଛୁ ।

## ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ, ୨୧।୬**

ମଝି ଆକାଶରେ ବିମାନରୁ ଇନ୍ଧନ ସରିଯିବାରୁ ବାଧହୋଇ ପାଇଲଟ ବିମାନକୁ ଜରୁରୀ ଅବତରଣ କରାଇଛନ୍ତି । ଗତ ଗୁରୁବାରର ଏହି ଘଟଣା ଏବେ ସାମ୍ନାକୁ ଆସିଛି । ଇଣ୍ଡିଗୋ ବିମାନ ୬ଇ ୬୭୬୪ ଗୁଆହାଟୀରୁ ଚେନ୍ନାଇ ଯାଉଥିଲା । କିନ୍ତୁ ମଝି ଆକାଶରେ ପାଇଲଟ ହଠାତ ଜାଣିବାକୁ ପାଇଲେ ଯେ ବିମାନରୁ ଇନ୍ଧନ ସରିଆସିଲାଣି । ତେଣୁ ତୁରନ୍ତ ସେ ଫୁଏଲ ମେ ଡେ କଲ କରିଥିଲେ । ଏହା ପରେ ଗତିପଥ ବଦଳାଇ ବେଙ୍ଗାଲୁରୁ ବିମାନବନ୍ଦରରେ ଜରୁରୀ ଅବତରଣ କରାଇଥିଲେ । ତେବେ ଅବତରଣ ପୂର୍ବରୁ ବିମାନକୁ ଅନେକ ସମୟ ଧରି ଆକାଶରେ ସମୟ କାଟିବାକୁ ପଡ଼ିଥିଲା । କାରଣ ଟ୍ରାଫିକ ଜାମ ଥିବାରୁ ବିମାନକୁ ତୁରନ୍ତ ଅବତରଣ ଅନୁମତି ମିଳି ନ ଥିଲା । ରାତି ୮ଟା ୧୫ରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବେ ବିମାନ ଅବତରଣ କରିଥିଲା ।

DSPL-135

## ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ । ବିଳମ୍ବ କଲେ ବିପଦ ଅଛି ।

OIPR-10003/13/0210/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜୁନ୍ ୨୦୨୫ ରବିବାର





## ଅଜଣା ବ୍ୟାଗ୍‌ରୁ ବିପୁଳ ଗଞ୍ଜେଇ ଜବତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାର କୁମାରୀ ଅଞ୍ଚଳରୁ ସନ୍ଦେହ ଜନକ ଭାବେ ଜଣଙ୍କ ଘର ବାରଣ୍ଡାରୁ ମିଳିଥିବା ଦୁଇଟି ବ୍ୟାଗ୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି । ଯାହାର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଗୁରୁବାର ଦିନ ଏହି କଲୋନୀର ଜଣଙ୍କ ଘର ବାରଣ୍ଡାରେ କେହି ଦୁଇଟି ବ୍ୟାଗ୍ ଥୋଇଦେଇ ପଳେଇଥିଲା। ବ୍ୟାଗ୍‌କୁ କେହି ନନେବାରୁ ଲୋକଙ୍କ ମଧ୍ୟରେ ସନ୍ଦେହ ବଢ଼ିଥିଲା। ପରେ ପୋଲିସକୁ ଖବର ଦେଇଥିଲେ। ଜାରକା ବିଟ୍ ହାଉସ୍ ଅଧିକାରୀ ବିଜୟ କୁମାର ବେହେରା ଜଣେ ସାଦା ପୋଷାକଧାରୀ ପୋଲିସକୁ ଜଗାଇଥିଲେ। ରାତି ପର୍ଯ୍ୟନ୍ତ କେହି ନନେବାରୁ ବ୍ୟାଗ୍‌କୁ ପୋଲିସ ଖୋଲିଥିଲା। ତାମଧ୍ୟରେ ଗଞ୍ଜେଇ ଥିବା ଥାନା ଅଧିକାରୀ ରଞ୍ଜନକୁମାର ମାଝି ସୂଚନା ଦେଇଛନ୍ତି। ଏହି ସନ୍ଦିଗ୍ଧ ବ୍ୟାଗ୍‌କୁ ନେଇ କଲୋନୀ ଅଞ୍ଚଳରେ ଲୋକେ ଭୟଭିତ ହୋଇଯାଇଥିଲେ। ବ୍ୟାଗ୍ ଭିତରେ ମାରଣାସ୍ତ୍ର କିମ୍ବା ବିସ୍ଫୋରକ ସାମଗ୍ରୀ ଥାଇପାରେ ସନ୍ଦେହ କରୁଥିଲେ। ଗଞ୍ଜେଇ ଜବତ ପରେ ଜାରକା ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଓ ଧଳାଜହର କାରବାର ହେଉଥିବା ସନ୍ଦେହ ଦୃଢ଼ିଭୂତ ହୋଇଛି। ପାଞ୍ଚଶହ ମିଟର ଦୂରରେ ଅବକାରୀ ବିଭାଗର ଇନ୍‌ସ୍ପେକ୍ଟରଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ ବେଧଡ଼କ ଭାବେ ଗଞ୍ଜେଇ କାରବାର ହେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

## ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆଶଙ୍କା:ପ୍ରଶାସନ ତତ୍ପର

**ବାଲେଶ୍ୱର, ନ୍ୟୁଜ୍**

ସୁବର୍ଣ୍ଣରେଖା ନଦୀର ଉପର କ୍ୟାଚ୍‌ମେଣ୍ଟ ଅଞ୍ଚଳରେ ଲଗାତାର ଭାରି ବର୍ଷା ଓ ଚାନ୍ଦିଲି ଗେଟ୍‌ରେ ଜରୁରୀ ଆଧାରରେ ଗେଟ୍ ଖୋଲିବା ସହ ବଡ଼ ପରିମାଣରେ ପାଣି ଛଡ଼ାଯାଇଥିବା ହେତୁ ସୁବର୍ଣ୍ଣରେଖା ନଦୀର ଜଳସ୍ତର ଲଗାତାର ବୃଦ୍ଧି ପାଇବାରେ ଲାଗିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ବାଲିଆପାଳ, ବାସ୍ତା ଓ ଭୋଗରାଇ ବ୍ଲକ୍‌ରେ ବନ୍ୟା ସଦୃଶ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ, ଜିଲ୍ଲାପାଳ ବର୍ତ୍ତମାନ ସ୍ଥିତି ବିଷୟରେ ଆଲୋଚନା ପାଇଁ ଏକ ଆପାତକାଳୀନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବୈଠକ ଆହ୍ୱାନ୍ କରିଥିଲେ। ଏହି ବୈଠକରେ ଉଲ୍ଲେଖିତ ବ୍ଲକ୍‌ର ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ୨୪ ଘଣ୍ଟା ଆଲର୍ଟରେ ରହିବା ଏବଂ କ୍ଷେତ୍ର ଅଧିକାରୀ ମାନଙ୍କୁ ସଜାଗ ରହିବାକୁ କହିବା ସହିତ ସ୍ୱୟଂ ବ୍ୟକ୍ତିଗତ ଭାବେ ସମ୍ବେଦନଶୀଳ ଅଞ୍ଚଳକୁ ଯାଇ ସ୍ଥିତିର ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିମ୍ନଭୂମି ଓ ବନ୍ୟା ପ୍ରବଣ ଅଞ୍ଚଳର ଲୋକମାନେ ସତର୍କ ରହିବାକୁ ଏବଂ ପରିସ୍ଥିତି ଅଧିକ ଖରାପ ହେଲେ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ରହିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉପଦେଶ ଦିଆଯାଇଛି। ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆବଶ୍ୟକ ଔଷଧ ସଂଗ୍ରହ ଓ ଚିକିତ୍ସା ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସମସ୍ତ ଗେଟ୍‌ର ଯାଞ୍ଚ କରିବା, ନିୟମିତ ଅନ୍ତରାଳରେ ଜଳସ୍ତର ମାପ କରିବା ଓ ଆବଶ୍ୟକ ଉପାୟ ଗ୍ରହଣ କରିବାକୁ ନିର୍ଦ୍ଦେଶ ମିଳିଛି। ଖାଉଟି ଯୋଗାଣ ଅଧିକାରୀଙ୍କୁ ଆବଶ୍ୟକ ଖାଦ୍ୟ ଓ ଜରୁରୀ ସାମଗ୍ରୀ ଉପଲବ୍ଧତା ବିଷୟରେ ସମୀକ୍ଷା କରାଯାଇଛି। ସମସ୍ତ କର୍ମଚାରୀଙ୍କର ଛୁଟି ବାତିଲ୍ କରାଯାଇଛି ଏବଂ ମୁଖ୍ୟାଳୟ ଛାଡ଼ିବାକୁ କାହାକୁ ମଧ୍ୟ ପୂର୍ବ ଅନୁମତି ବିନା ନିଷେଧ କରାଯାଇଛି। ଜିଲ୍ଲା ପ୍ରଶାସନ ସାଧାରଣ ଜନତାଙ୍କୁ ଅନୁରୋଧ କରୁଛି ଯେ ସେମାନେ ଶାନ୍ତ ଓ ସଚେତନ ରୁହନ୍ତୁ ଏବଂ କେବଳ ସରକାରୀ ମାଧ୍ୟମରେ ଜାରି କରାଯାଉଥିବା ନିର୍ଦ୍ଦେଶନାମା ଅନୁସରଣ କରନ୍ତୁ। ଜିଲ୍ଲା ଆପାତକାଳୀନ ନିୟନ୍ତ୍ରଣ କକ୍ଷ ଚାଲୁ ରହିଛି ଏବଂ ସମସ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି।



## କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬: ଓଡ଼ିଶାରେ ଶୀର୍ଷରେ କିଟ୍



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬ ପ୍ରକାଶ ପାଇଥିବାବେଳେ ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହା ସହିତ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଦକ୍ଷିଣ ଏସିଆରେ ୫୫ ତମ ସ୍ଥାନ ହାସଲ କରିଛି। ସମଗ୍ର ଭାରତରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୯ମ ସ୍ଥାନରେ ରହିଛି। କିଟ୍ ବିଶ୍ୱବିଦ୍ୟାଳୟ ପ୍ରଥମ ଥର ପାଇଁ କ୍ୟୁଏସ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଂରେ ଅଂଶଗ୍ରହଣ କରି ଓଡ଼ିଶାର ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଭାରତରେ ସମ୍ମାନଜନକ ସ୍ଥାନରେ ରହିଛି। ଏହି ସଫଳତା କିଟ୍‌ର ଉଚ୍ଚ ଶିକ୍ଷାରେ ଉତ୍କର୍ଷତା ପ୍ରତି ଉତ୍ସର୍ଗକୁ ପ୍ରତିପାଦିତ କରୁଛି। କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ ୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏହି ରାଙ୍କିଙ୍ଗ ଶୈକ୍ଷିକ ପ୍ରତିଷ୍ଠା, ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା, ଅଧ୍ୟାପକ-ଛାତ୍ର ଅନୁପାତ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଧ୍ୟାପକଙ୍କ ପ୍ରଶଂସା, ଅନ୍ତର୍ଜାତୀୟ ଫାକଲଟି, ଅନ୍ତର୍ଜାତୀୟ ଛାତ୍ର, ଅନ୍ତର୍ଜାତୀୟ ଛାତ୍ର ବିବିଧତା, ଅନ୍ତର୍ଜାତୀୟ ଗବେଷଣା ନେଟ୍‌ୱାର୍କ, ନିଯୁକ୍ତି ଫଳାଫଳ ଏବଂ ସ୍ଥାୟିତ୍ୱ ଆଦି ମାନଦଣ୍ଡକୁ ଭିତ୍ତିକରି ଏହି ରାଙ୍କିଙ୍ଗ ପ୍ରଦାନ କରାଯାଇଛି। ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କ୍ୟୁଏସ୍ ବିଶ୍ୱ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗ କିଟ୍‌ର ଶୈକ୍ଷିକ ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ। କିଟ୍ ବିଶ୍ୱବିଦ୍ୟାଳୟ ମାତ୍ର ୨୧ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ଏହା ଅନେକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହୋଇପାରିଛି। ଏହି ସଫଳତା ପାଇଁ ଶ୍ରୀ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଓ କିସ୍‌ର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଫଳତା ପାଇଁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି।

## ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥଳୀ ହେବ ବରପୁତ୍ର ଐତିହ୍ୟ ଗ୍ରାମ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥଳୀକୁ ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ରୂପାନ୍ତରିତ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ନରେନ୍ଦ୍ର ମୋଦୀ । ରାଜ୍ୟର ବରପୁତ୍ର ମାନଙ୍କ ସମ୍ମାନାର୍ଥେ ଓ ସେମାନଙ୍କ ଯଶ ଓ ଅବଦାନକୁ ଅମ୍ଳାନ ରଖିବା ପାଇଁ ସେମାନଙ୍କ ଜନ୍ମସ୍ଥଳୀର ଉନ୍ନତିକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ବରପୁତ୍ର ଐତିହ୍ୟ ଗ୍ରାମର ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝରର ଗର୍ବ ବିପ୍ଳବୀ ଧରଣୀଧରଙ୍କ ଜନ୍ମସ୍ଥଳୀ କୁସୁମିତାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶୁକ୍ରବାର ଉପର କୁସୁମିତା ଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ, କୁସୁମିତା ଗ୍ରାମବାସୀ ଓ ଭୂୟାଁ ସାଂସ୍କୃତିକ ସଂଗଠନର କାର୍ଯ୍ୟକର୍ତ୍ତା ଆଦି ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଭୁବନେଶ୍ୱର କାର୍ଯ୍ୟକ୍ରମ ସହ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ।

## ଶିଖରପୁର ସୁବର୍ଣ୍ଣରେଖା ବ୍ରିଜ୍ ମରାମତି ହେଉନି:ବଡ଼ ଧରଣର ଦୁର୍ଘଟଣା ଆଶଙ୍କା

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ଶିଖରପୁର ଗ୍ରାମପଞ୍ଚାୟତଟି ସୁବର୍ଣ୍ଣରେଖା ନଦୀ ତଟରେ ଅବସ୍ଥିତ। ଉକ୍ତ ଗ୍ରାମପଞ୍ଚାୟତରୁ ଜଳେଶ୍ୱର ସହରକୁ ଯିବା ପାଇଁ ହେଲେ ସୁବର୍ଣ୍ଣରେଖା ନଦୀ ପ୍ରତିବନ୍ଧକ କରେ। ବହୁଦିନ ଅପେକ୍ଷା କରି ଡଙ୍ଗା ସାହାଯ୍ୟରେ ଜୀବନକୁ ବାଜି ଲଗାଇ ପିଲା ଛୁଆଙ୍କୁ ନେଇ ସୁବର୍ଣ୍ଣରେଖା ନଦୀପାରି ହୁଅନ୍ତି। ବହୁବାର ଆନ୍ଦୋଳନ କରି ପ୍ରଶାସନଙ୍କୁ ଗୁହାରି କରିବା ଓ ବିଧାୟକଙ୍କୁ ବାରମ୍ବାର ଆବେଦନ କରି ଉକ୍ତ ସୁବର୍ଣ୍ଣରେଖା ନଦୀ ଉପର ଦେଇ ବ୍ରିଜ୍‌ଟିକୁ ନିର୍ମାଣ କରାଯାଇଥିଲା। ସେହି ବ୍ରିଜ୍ ଦେଇ ବିଭିନ୍ନ ପଞ୍ଚାୟତର ଜନସାଧାରଣ ମାନେ ରୋଗୀ ନେବା ସହିତ ବେପାର ବାଣିଜ୍ୟ କରିଥାଆନ୍ତି। ତେଣୁ ବର୍ତ୍ତମାନ ସେହି ବ୍ରିଜ୍ ଉପର ଦେଇ ବିଭିନ୍ନ ସ୍ଥାନରୁ ଚୋରା ବାଲି ଚାଲାଣ ହେଉଛି । ଉକ୍ତ ବ୍ରିଜ୍ ଦେଇ ଟ୍ରାକ୍ଟର ସାଙ୍ଗକୁ ଓଜନ ବିଶିଷ୍ଟ ଡମ୍ପର ଗାଡ଼ି ଯିବା ଦ୍ୱାରା ପୋଲ ତାର ସୁରକ୍ଷା ଖୁଜୁଛି। ଏହି ବ୍ରିଜ୍‌ର ସୁରକ୍ଷା ପାଇଁ ଶିଖରପୁର ଗ୍ରାମପଞ୍ଚାୟତ ଗ୍ରାମବାସୀମାନେ ପ୍ରଶାସନଙ୍କୁ ବାରମ୍ବାର ଅବଗତ କରିବା ସହିତ ପଞ୍ଚାୟତର ସରପଞ୍ଚଙ୍କୁ ବ୍ରିଜ୍‌ର ସୁରକ୍ଷା ପାଇଁ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ସରପଞ୍ଚ ବିଦ୍ୟାଧର ମଲ୍ଲିକ ଏ ସଂପର୍କରେ ଜଳେଶ୍ୱର ପଞ୍ଚାୟତ ସମିତିରେ ଉପସ୍ଥାପନ କରିଥିଲେ ବୋଲି ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରକାଶ କରିଥିଲେ। ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ ଯେ ଉକ୍ତ ବ୍ରିଜ୍ ଉପରେ ଦେଇ ଭାରି ଓଜନ ବିଶିଷ୍ଟ ଗାଡି ଯିବା ଦ୍ୱାରା ବ୍ରିଜ୍ ସାଇଟ୍ ଭାଙ୍ଗିବା ସହିତ ବ୍ରିଜ୍‌ର ମଧ୍ୟସ୍ଥଳରେ ରଡ଼ ଦେଖାଯିବା ସହିତ ବ୍ରିଜ୍‌ଟି ଦୋହଲି ଯିବାର ସମ୍ଭାବନା ରହିଛି। ସରପଞ୍ଚଙ୍କ ଅଭିଯୋଗ ପରେ ଏକ ଗଣମାଧ୍ୟମରେ ସରପଞ୍ଚ ବାଲି ଚୋରା ଚାଲାଣରେ ସଂପୃକ୍ତ ଅଛନ୍ତି ବୋଲି ଏକ ଖବର ପ୍ରକାଶିତ ହୋଇଥିଲା। ମିଛରେ ଖବର ପ୍ରକାଶିତ ହେବାପରେ ଗ୍ରାମବାସୀ ଓ ସରପଞ୍ଚ ମିଶି ମିଛରେ ପ୍ରକାଶିତ ହୋଇଥିବା ନ୍ୟୁଜ୍ ଚ୍ୟାନେଲ୍‌ଙ୍କ ବିରୋଧରେ ଏକ ସାମ୍ବାଦିକ ସମ୍ମିଳନୀ କରି ଖଣ୍ଡନ କରିବା ସହିତ ପ୍ରକାଶିତ ହୋଇଥିବା ନ୍ୟୁଜ୍ ଏକ ଭିତ୍ତିହୀନ ବୋଲି ଆହୂତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀମାନେ ଯୋର କଣ୍ଠରେ କହିଥିଲେ। ସରପଞ୍ଚ ଶ୍ରୀ ମଲ୍ଲିକ କହିଥିଲେ ଯେ ଚ୍ୟାନେଲ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ଏହା ସହିତ ସୁବର୍ଣ୍ଣରେଖା ନଦୀଉପରେ ଥିବା ବାଘାବାଲୀ-ଶିଖରପୁର ସେତୁ ଉପର ଦେଇ ଭାରୀଯାନ ଚଳାଚଳକୁ ବିପଦ ଜନକ ହୋଇଥିବାରୁ ଏ ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ପୂର୍ବରୁ ଏହି ସେତୁଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବାବେଳେ ଏବେ ପୂର୍ତ୍ତ ବିଭାଗ ଅଧିନରେ ରହିଛି। ସେତୁର ଅପରପଟେ ୨ଟି ସରକାରୀ ବାଲି ଖଦାନ ରହିଥିବାରୁ ଏହି ସେତୁ ଉପର ଦେଇ ଭାରୀ ଯାନ ଚଳାଚଳ କରୁଥିବା ସଂପର୍କରେ କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ବ୍ରିଜ୍ ଦେଇ ୧୦ ଟନ୍‌ରୁ ଅଧିକ ଭାରି ଯାନ ଚଳାଚଳ ନିଷେଧ ଥିବା ବେଳେ ଏବେ ପ୍ରତ୍ୟେକ ଦିନ ବହୁ ଭାରିଯାନ ଚଳାଚଳ କରୁଥିବା ଗ୍ରାମବାସୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପୋଲ ଉପରେ କୌଣସି ସୂଚନା ଫଳକ ନଥିବାରୁ ୬୦ ଟନ୍‌ରୁ ଅଧିକ ଓଜନର ଭାରୀଯାନ ଗୁଡିକ ମନଇଚ୍ଛା ପରିବହନ ଫଳରେ ପୋଲର କେତେକ ସ୍ଥାନରେ ଫାଟସୃଷ୍ଟି ହୋଇ ରଡ ଦେଖାଯାଉଥିବା ଗ୍ରାମବାସୀମାନେ କହିଛନ୍ତି । ଏହି ସେତୁଟି ରାଇବଣିଆ ଦୁର୍ଗକୁ ସଂଯୋଗ କରୁଥିବାରୁ ଏହାର ସୁରକ୍ଷା ପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସମିତିସଭ୍ୟାଙ୍କ ପ୍ରତିନିଧି ମାନସୀ ଧଳ, ପରେଶ ଚନ୍ଦ୍ର ପ୍ରଧାନ ମନୋଜ ଗିରି, ହିମାଂଶୁ ଜେନା, ଅଂଜନ କୁମାର ଓଝା, ବଳରାମ ଓଝା, ନାଏବ ସରପଞ୍ଚ ସବିତା ଦେ, ଅଜୟ କୁମାର ମଣ୍ଡଳ ପ୍ରମୁଖ ଯୋଗଦେଇ ପ୍ରଶାସନଙ୍କୁ ପୁନରବାର ନିବେଦନ କରିବା ସହିତ ତୁରନ୍ତ କାର୍ଯ୍ୟ କରିବା ପାଇଁ ସାମ୍ବାଦିକ ମାନଙ୍କ ଲେଖନ ମାଧ୍ୟମରେ ପ୍ରଶାସନଙ୍କୁ ଆବେଦନ କରିଥିଲେ।

## ବରଗଡ଼ରେ ବରପୁତ୍ରମାନଙ୍କ ଦାୟାଦଙ୍କୁ ସମ୍ମାନିତ କଲେ ଜିଲ୍ଲାପାଳ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ସରକାରରେ ଗରିମାମୟ ହେଉଛି ଓଡ଼ିଆ ଅସ୍ମିତା, ଓଡ଼ିଶାର ବରପୁତ୍ରଙ୍କୁ ମିଳୁଛି ସମ୍ମାନ । ଲୋକଙ୍କ ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ । ୧ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଜନତା ମଇଦାନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡ଼ିଶାର କୃଷି, ଶକ୍ତି, ସଡ଼କ ଏବଂ ଗମନାଗମନ ଆଦି କ୍ଷେତ୍ରରେ ଉନ୍ନତି ନିମିତ୍ତ ୬୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ଏବଂ ୪୫ଟି ଲୋକାଭିମୁଖୀ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି କ୍ରମରେ ବରଗଡ଼ ଜିଲ୍ଲାର ମହାନ ସ୍ୱାଧୀନତା ସଂଗ୍ରାମୀ ସହୀଦ ମାଧୋ ସିଂଙ୍କ ଜନ୍ମ ମାଟି ଘେଁସ ସ୍ଥିତ ରାଜବାଟି ଏବଂ ଜିଲ୍ଲାର ସୁପୁତ୍ର ସ୍ୱାଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମସ୍ଥାନ ବରପାଲି ସ୍ଥିତ ତାଙ୍କ ବାସ ଭବନରେ ଜିଲ୍ଲା ସ୍ତରୀୟ ସମବେଶ ଆୟୋଜିତ ହୋଇଛି । ବରପାଲି ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାଭାବ କବି ଗଙ୍ଗାଧର ମେହେରଙ୍କ ଆଣନାତି ମହେନ୍ଦ୍ର କୁମାର ମେହେରଙ୍କ ସମେତ ତାଙ୍କ ପରିବାରରୁ ମମତା ମେହେର, ଶକ୍ତିମୟୀ ମେହେର ଏବଂ ଜ୍ୟୋତିମନ ମେହେରଙ୍କୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଉପସ୍ଥିତ ରହି ପ୍ରଶାସନ ତରଫରୁ ସମ୍ମାନିତ କରିଥିବା ବେଳେ ସ୍ଥାନୀୟ ବାସିନ୍ଦା, ଗଙ୍ଗାଧର ମେହେର ସ୍ମୃତି କମିଟି ଏବଂ ଗଙ୍ଗାଧର ମେହେର କ୍ଲବର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ସମାବେଶରେ ଜଡିତ ଥିଲେ। ସେହିଭଳି ଘେଁସ ଗ୍ରାମର ରାଜବାଟି ସମ୍ମୁଖରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାବେଶରେ ସହୀଦ ମାଧୋ ସିଂଙ୍କ ଦାୟାଦ ତଥା ପଣନାତି ଲୋକେଶ୍ୱର ସିଂ ବରିହାଙ୍କ ସମେତ ଲୋକ କବିରତ୍ନ ପଦ୍ମଶ୍ରୀ ଡ଼ ହଳଧର ନାଗଙ୍କୁ ପଦମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ ଉପସ୍ଥିତ ରହି ସମ୍ମାନିତ କରିଥିବା ବେଳେ ସୋହେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୋଲିସ ଅଧିକାରୀ, ଘେଁସ ଗ୍ରାମବାସୀ, ସହୀଦ କୁଞ୍ଜଳ ସିଂ କ୍ଲବର ସମସ୍ତ କର୍ମକର୍ତ୍ତା ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ ସମବେଶରେ ଜଡିତ ଥିଲେ।

## ବିତରଣ ତାର ଛିଣ୍ଡି ଅଟକିଲା ବିଶାଖାପାଟଣା-କିରୋଣ୍ଡୁଲ ଏକ୍ସପ୍ରେସ୍ ଟ୍ରେନ୍




**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ବିଶାଖାପାଟଣାରୁ କୋରାପୁଟ ଦେଇ କିରୋଣ୍ଡୁଲ ଆସୁଥିବା କିରୋଣ୍ଡୁଲ୍ ଏକ୍ସପ୍ରେସ୍ ଟ୍ରେନ୍ ଭେଜା ଷ୍ଟେସନ୍ ନିକଟରେ ଥିବା ଗ୍ରାମ ପହଞ୍ଚିବା ବେଳକୁ ରେଲୱେ ବିତରଣ ତାର ଛିଣ୍ଡି ତଳକୁ ଝୁଲିପଡ଼ିଥିବା ସୂଚନା ମିଳିଛି। ଅଳ୍ପକେ ବର୍ତ୍ତି ଯାଇଛି ରେଳ ଯାତ୍ରୀଙ୍କ ଜୀବନ। ସୂଚନା ଅନୁସାରେ ଅପରାହ୍ନ ପ୍ରାୟ ୧୨.୩୯ ସମୟରେ ବିଶାଖାପାଟଣା କିରଣ୍ଡୁଲ ଏକ୍ସପ୍ରେସ୍ ବିଶାଖାପାଟଣାରୁ କିରଣ୍ଡୁଲ୍ ଫେରୁଥିବା ବେଳେ ଭେଜା ରେଳ ଷ୍ଟେସନ୍‌ରୁ ବାହାରି ପରେ ଥିବା ଗ୍ରାମ ନିକଟରେ ପହଞ୍ଚିବା ବେଳେ ହଠାତ୍ ରେଲୱେ ସେବା ତାର ଖୁଣ୍ଟର ପିନ୍ ଟପରୁ ଛିଣ୍ଡି ତଳକୁ ଝୁଲି ପଡିଥିଲା। ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବାରୁ ଟ୍ରେନ୍‌ଟି ସେହି ସ୍ଥାନରେ ଅଟକି ରହିଲା। ଖବରପାଇ ଟେକ୍ନିକାଲ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସରବରାହ ଠିକ୍ କରିବା ପରେ ୩.୨୧ ମିନିଟ୍ ସମୟରେ ଟ୍ରେନ୍ ନିଜ ମାର୍ଗରେ ପୁଣିଥରେ ଅଗ୍ରସର ହୋଇଥିଲା।




## ଜେ.କେ କାଗଜ କଳକୁ 'ଗ୍ରୀନ୍‌ଟେକ୍ ସିଏସ୍‌ଆର୍ ଆୱାର୍ଡ'

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଜେ.କେ ପ୍ରତିଷ୍ଠାନ ଅଧୀନରେ ଥିବା ଜେକେ କାଗଜକଳ, ରାୟଗଡା ୟୁନିଟ୍‌କୁ ନୂଆଦିଲ୍ଲୀ ଠାରେ ଗ୍ରୀନ୍‌ଟେକ୍ ଇଣ୍ଡିଆ ଫାଉଣ୍ଡେସନ୍ ଦ୍ୱାରା ଜାତୀୟ ସ୍ତରର ଦୁଇଟି ପୁରସ୍କାରରେ ପୁରସ୍କୃତ କରାଯାଇଛି । ପାରିପାର୍ଶ୍ୱିକ ଉନ୍ନୟନ ଏବଂ ପରିବେଶ ସୁରକ୍ଷା ପାଇଁ ଗ୍ରୀନ୍‌ଟେକ୍ ଇଣ୍ଡିଆ ଫାଉଣ୍ଡେସନର ବିଚାରକ ମଣ୍ଡଳୀ ଦ୍ୱାରା ବିଜେତା ଘୋଷଣା କରାଯିବା ସହ ପୁରସ୍କୃତ କରାଯାଇଛି । ଜେ.କେ କାଗଜ କଳ, ରାୟଗଡାର ଲୋକସମ୍ପର୍କ ଓ ପରିପାର୍ଶ୍ୱିକ ଉନ୍ନୟନ ଅଧିକାରୀ ସ୍ମୃତିରେଖା କର ଅଂଶ ଗ୍ରହଣ କରି ଗ୍ରୀନ୍‌ଟେକ୍ ୧୧ ତମ ସିଏସ୍‌ଆର୍ ଆୱାର୍ଡ ଗ୍ରହଣ କରିଥିଲେ । ସେହିପରି ପରିବେଶ, ନିରାପତ୍ତା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ବିଭାଗର ବରିଷ୍ଠ ମହା ପ୍ରବନ୍ଧକ ସତ୍ୟଜିତ ମହାନ୍ତି ଯୋଗଦେଇ ଗ୍ରୀନ୍‌ଟେକ୍ ପରିବେଶ ସୁରକ୍ଷା ଆୱାର୍ଡ ଗ୍ରହଣ କରିଥିଲେ । ଜେ.କେ କାଗଜ କଳର କାର୍ଯ୍ୟନିର୍ବାହୀ ଉପସଭାପତି ବିନୟ ଦ୍ୱିବେଦୀ ସମସ୍ତ କର୍ମଚାରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଦର୍ଶାଇଥିଲେ ଯେ ଜେ.କେ କାଗଜ କଳ ଏହାର ନିରନ୍ତର ସମାଜ ବିକାଶ, ପରିବେଶ ସୁରକ୍ଷା କାର୍ଯ୍ୟକୁ ଜାରି ରଖିବା ସହିତ ଏହି ଜାତୀୟ ସ୍ତରର ପୁରସ୍କାର ଆଗକୁ ଆହୁରି ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଆମକୁ ପ୍ରେରଣା ଯୋଗାଇବ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**ମେଷ:** ମନରେ ଆନନ୍ଦ ଆସିବ । ବନ୍ଧୁ ସାଙ୍ଗେ ଅସହଯୋଗ । ପୁରୁଣା କାର୍ଯ୍ୟରେ ସଫଳତା ଦେଖାଦେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଅଶାନ୍ତି ଦେଖାଦେଇପାରେ । ଦେହ ଭଲ ରହିବ ।

**ବୃଷ:** ଆଧ୍ୟାତ୍ମିକ ଚର୍ଚ୍ଚାରେ ସମୟ ଅତିବାହିତ କରିବେ । ଦେହ ଓ ମନରେ ଶାନ୍ତି ରହିବ । ଦେବ ଦର୍ଶନ ସହିତ ପୂଜାର ସୁଯୋଗ ସୃଷ୍ଟି ହେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଲାଭ ହେବ ।

**ମିଥୁନ:** ଶରୀର ଅସୁସ୍ଥତା ଦେଖାଦେବ । ମନରେ ଅଶାନ୍ତି ଦେଖାଦେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ କଳହ ଜାତ ହେବ । ପିଲାମାନେ ସୁଖୀ ହେବେ। ମହିଳାମାନେ ଗର୍ବୀ ହେବେ ।

**କର୍କଟ:** ନୂତନ ଦାୟିତ୍ୱ ହାତକୁ ଆସିପାରେ । ଦୂରକୁ ଯାତ୍ରା କରିପାରନ୍ତି। ଉତ୍ସାହ ବଢ଼ିବ । ବନ୍ଧୁ ମିଳନରେ ଆପ୍ୟାୟିତ ହେବେ । ରୋଜଗାର ବଢ଼ିବ । ଘରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ ।

**ସିଂହ:** ଆଜି ଆପଣଙ୍କର ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନ ସହକାରେ ରହିବେ । କାର୍ଯ୍ୟ ହାନୀ । ଦୁର୍ଘଟଣାର ଶିକାର ହୋଇପାରନ୍ତି । ଖର୍ଚ୍ଚର ମାତ୍ରା ଅଧିକ ହୋଇପାରେ । ଗୃହେ ଅଶାନ୍ତି ଦେଖାଦେଇପାରେ ।

**କନ୍ୟା:** ଆପଣ ସବୁ ଦେଖି ଶୁଣି ନିରବ ରହିବା ଭଲ। ଅନ୍ୟଥା କଳହ ଦେଖାଦେଇପାରେ । ବନ୍ଧୁଙ୍କ ଅକାଟ୍ୟ ଯୁକ୍ତି ଗ୍ରହଣ କରି ଖୁସି ହେବେ । ପାରିବାରିକ ଆନନ୍ଦ ଦେଖାଦେବ । ଶରୀର ସୁସ୍ଥ ରହିବ ।

**ତୁଳା:** ସତର୍କ ନହେଲେ ଠକାମିର ଶିକାର ହେବେ । କ୍ରୋଧ ବଢ଼ିବ । ଭୁଲାପଣ ଆପଣଙ୍କୁ ବ୍ୟଥିତ କରିବ । ଦ୍ରବ୍ୟ ନଷ୍ଟର ଆଶଙ୍କା। ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।

**ବିଛା:** ନିଜର ପ୍ରତିଷ୍ଠାନ ପାଇଁ ଆତ୍ମତୃପ୍ତି ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗଦାନ କରି ପ୍ରଶଂସା ଲାଭ କରିବେ । ଆୟରେ ଉନ୍ନତି ହେବ । ପରିବାରରେ ଶ୍ରମ ବଢ଼ିବାର ସୂଚନା । ମନ ଭଲ ରହିବ।

**ଧନୁ:** ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପୁରୁଣା କାର୍ଯ୍ୟ ହାତକୁ ଆସିବ । ଆଶାବାଦୀ ହୋଇ କାର୍ଯ୍ୟ କରିବେ । ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ।

**ମକର:** ଦୂରଯାତ୍ରା ସଫଳ ହେବ । ସମସ୍ତ କାର୍ଯ୍ୟରେ ସହଯୋଗ ତଥା ସୌଜନ୍ୟ ଲାଭ ହେବ । ସମସ୍ୟାର ସମାଧାନ ହେବ । ଘରେ ବନ୍ଧୁ ମିଳନର ଯୋଗ ରହୁଛି । ଆୟର ପରିମାଣ ବଢ଼ିବ । ଦେହ ଭଲ ରହିବ ।

**କୁମ୍ଭ:** ନିଜର ଲୋକ ଦ୍ୱାରା ପ୍ରତାରିତ ହେବେ । କ୍ରୋଧ ମନରେ ଆସିବ । ତଥାପି ନିଜକୁ ସଂଯତ ରଖିଲେ ଭଲ । ରୋଜଗାର ପୂର୍ବପରି ରହିବ । ପରିବାରରେ ବିରକ୍ତି ପ୍ରକାଶ ପାଇବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**ମୀନ:** ଦୂର ସ୍ଥାନରୁ ସମ୍ବାଦପ୍ରାପ୍ତି । ମନରେ ଆନନ୍ଦ ଆସିବ । ଦ୍ରବ୍ୟ ଲାଭ ଯୋଗ ରହୁଛି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ହସ ଖୁସି ମିଳିବାର ସୂଚନା । ଉତ୍ତମ ଭୋଜନ ମିଳିବ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୬।୨୦୨୫, ଆଷାଢ଼ ଦି୮ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୦୯।୦୫** **ଚନ୍ଦ୍ରୋଦୟ- ରାଘ ୨।୩୭।୧୪**

**ଦ୍ୱାଦଶୀ-** ରାଘ ୧।୨୩ ପର୍ଯ୍ୟନ୍ତ । **ଦ୍ୱିଜାନକ୍ଷତ୍ର-** ସଂଘ ୫।୩୮ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ରାଘ ୧୧।୦୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ରାଘ ୧୧।୦୩ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ରାଘ ୧୧।୦୩ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧।୨୩ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୮ ଗତେ ଘ ୯।୩୬ ମଧ୍ୟେ ଦିଘ ୧।୨୭ ଗତେ ଘ ୪।୩୯ ମଧ୍ୟେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୬।୨୦୨୫, ଆଷାଢ଼ ଦି୯ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୦୯।୧୯** **ଚନ୍ଦ୍ରୋଦୟ- ରାଘ ୩।୩୩।୦୬**

**ତ୍ରୟୋଦଶୀ-** ରାଘ ୧୦।୧୦ ପର୍ଯ୍ୟନ୍ତ । **କୃତିକାନକ୍ଷତ୍ର-** ଦିଘ ୩।୧୭ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୦।୧୦ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୪ ଗତେ ଘ ୧୦।୨୯ ମଧ୍ୟେ ରାଘ ୯।୧୮ ଗତେ ଘ ୧୦।୨୮ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମନ୍ଦିରେ ଅନବସର ତ୍ରୟୋଦଶୀ, ଘଣାଲାଗି, ସାମନ୍ତ ଚନ୍ଦ୍ରଶେଖରଙ୍କ ତିରୋଧାନ ଦିବସ ।

ସାପ୍ତାହିକ
31 YEARS
ସମ୍ବାଦ କଳିକା

# ବିଦେଶରେ ଟଙ୍କା ରଖୁଥିବା ନାଗରିକଙ୍କ ସଂଖ୍ୟା ବୃଦ୍ଧି ପାଉଛି

ଭାରତୀୟ କରଦାତାମାନେ ବିଦେଶରେ କେତେ ଟଙ୍କା ରଖିଛନ୍ତି ଏହାର ଖୁଲାସା କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ବିଶେଷ ଅଭିଯାନ ଚଳାଇଥିଲେ। ଏଥିରେ ୩୦ ହଜାର ଭାରତୀୟ ବିଦେଶରେ ୨୯,୨୦୮ କୋଟି ଟଙ୍କା ରଖିଛନ୍ତି ବୋଲି ଖୁଲାସା କରିଛନ୍ତି। ଅତିରିକ୍ତ ୧୦୯୦ ଟଙ୍କା ଆୟ ରହିଥିବା ଭାରତୀୟ କରଦାତମାନେ ସୂଚନା ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏଥିରେ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ବୃଦ୍ଧି ପାଉଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୩୦,୧୬୧ ଭାରତୀୟଙ୍କର ବିଦେଶରେ ୨୯,୨୦୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ୧୦୮ରୁ ଅଧିକ ଦେଶରୁ ଆର୍ଥିକ ତଥ୍ୟ ହାସଲ କରିଛି, ଯାହା ବିଦେଶୀ ଆକାଉଣ୍ଟ ଏବଂ ଭାରତ ବାହାରେ ଅର୍ଜିତ ଆୟ, ଯେପରିକି ସୁଧ ଏବଂ ଲାଭାଂଶ ବିଷୟରେ ସୂଚନା ଦେଇଛି। ବିଦେଶରେ ଟଙ୍କା ରଖୁ ସ୍ୱଚ୍ଛାକୃତ ଘୋଷଣା କରୁଥିବା ନାଗରିକଙ୍କ ସଂଖ୍ୟାରେ ବୃଦ୍ଧି ପାଉଛି। ବିଦେଶରେ ସମ୍ପତ୍ତି ରଖୁଥିବା କରଦାତାଙ୍କ ସଂଖ୍ୟା ୨୦୨୧-୨୨ ଆର୍ଥିକ ବର୍ଷରେ ୬୦ ହଜାର ଥିଲା। ହେଲେ ୨୦୨୪-୨୫ ଏଥିରେ ବୃଦ୍ଧି ଘଟି ୨ ଲକ୍ଷ ୩୧ ହଜାର,୪୫୨ରେ ପହଞ୍ଚିଛି। ବ୍ୟାପକ ସଚେତନତା ଅଭିଯାନ ଏବଂ ଦେଶ ବାହାରେ ପ୍ରୟାସ ଯୋଗୁ ଅଧିକ ସଂଖ୍ୟାକ ସ୍ୱଚ୍ଛାକୃତ ଭାବେ ବିଦେଶୀ ସମ୍ପତ୍ତି ଘୋଷଣା କରିଛନ୍ତି। ଫଳରେ ୨୦୨୩-୨୪ ତୁଳନାରେ ସ୍ୱେଚ୍ଛାକୃତ ଘୋଷଣାରେ ୪୫.୧୭% ବୃଦ୍ଧି ପାଇଛି। ପ୍ରାରମ୍ଭରୁ କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡ ପ୍ରକ୍ରିୟାକୁ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ଭାରତ ହେଉଛି ଗୋଟିଏ। ଏହି ପ୍ରକ୍ରିୟା ମାଧ୍ୟମରେ ଭାରତ ୨୦୧୮ ମସିହାରୁ ବିଭିନ୍ନ ଦେଶରୁ ଆର୍ଥିକ ସୂଚନା ହାସଲ କରିଆସୁଛି। ୧୨୫ ରୁ ଅଧିକ ଦେଶ ଆର୍ଥିକ ତଥ୍ୟର ସ୍ୱୟଂଚାଳିତ ବିନିମୟରେ ଅଂଶଗ୍ରହଣ କରନ୍ତି, ଆକାଉଣ୍ଟ, ବାଲାନ୍ସ, ଲାଭାଂଶ ଏବଂ ମୋଟ ଦେୟ ବିଷୟରେ ବିବରଣୀ ଆଦାନପ୍ରଦାନ କରନ୍ତି। ଏଥିସହିତ, ଭାରତ ମଧ୍ୟ ବୈଦେଶିକ ଆକାଉଣ୍ଟସ୍ ଟିକସ ଅନୁପାଳନ ଆଇନ, ୨୦୧୦ ର ଆନ୍ତଃ-ସରକାରୀ ଚୁକ୍ତିନାମା ଅଧୀନରେ ଆମେରିକା ସହିତ ସମାନ ତଥ୍ୟ ଆଦାନପ୍ରଦାନ କରୁଛି।

# ନୀରୋଗ ଜୀବନର ଅମୋଘ ଅସ୍ତ୍ର ଯୋଗ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧



ମଣିଷ ତା'ର ଜୀବନକାଳ ଭିତରେ ରୋଗର ମାୟା ଜାଲରେ ନପଡ଼ି ସୁସ୍ଥ ଓ ନୀରୋଗ ରହିବା ପାଇଁ ଚାହିଁଥାଏ । ସୁସ୍ଥ ସମାଜ ପାଇଁ ସୁସ୍ଥ ମନ, ଶରୀର, ଆଧ୍ୟାତ୍ମିକ ମନୋଭାବ ଆବଶ୍ୟକତା ରହିଛି। ସେଥିପାଇଁ ମଣିଷ ଆପଣେଇଥାଏ ଅନେକ ପନ୍ଥା । ସେଥିମଧ୍ୟରୁ ଯୋଗ ଅନ୍ୟତମ । ଯୋଗ ହେଉଚ୍ଛି ଆମ ଭାରତୀୟ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ, ଯାହା ପ୍ରାଚୀନ କାଳରୁ ମନୁଷ୍ୟକୁ ସୁସ୍ଥ, ସବଳ ଓ ନିରାମୟ ଜୀବନ ଯାପନ କରିବାରେ ସହାୟକ ହେବା ସହିତ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଆଦୃତ ହୋଇପାରିଛି । ଯୋଗ ମଣିଷକୁ ନୀରୋଗ ରଖିବା ସହିତ ସଭିଙ୍କ ମନରେ ଶାନ୍ତି ଭରିଦେଇଥାଏ। ସୁସ୍ଥ ଶରୀର ପାଇଁ ଆମେ ନିଜର ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ସହ ବ୍ୟାୟାମ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏକାଗ୍ରତା ଓ ଆତ୍ମନିର୍ଭରଶୀଳତା ପାଇଁ ଯୋଗ ଏକାନ୍ତ ଅପରିହାର୍ଯ୍ୟ। ଯୋଗ ଦ୍ୱାରା ବ୍ୟକ୍ତିର ଆତ୍ମବିଶ୍ୱାସ ଓ ବ୍ୟକ୍ତିତ୍ୱ ବିକାଶ ହେବା ସହ ଏକ ସୁସ୍ଥ ସମାଜ ଗଠନ ହୋଇଥାଏ। ଯୋଗାଭ୍ୟାସ ଦ୍ୱାରା ଜଣେ ମଣିଷ ମାନସିକ, ଆଧ୍ୟାତ୍ମିକ ଏବଂ ଶାରୀରିକ ସୁସ୍ଥତା ଲାଭ କରିଥାଏ। ଛାତ୍ରଛାତ୍ରୀମାନେ ପାଠପଢ଼ା ସହିତ ଯୋଗାଭ୍ୟାସ ଦ୍ୱାରା ସେମାନଙ୍କ ସ୍ମରଣଶକ୍ତି ବୃଦ୍ଧି ପାଇଥାଏ। ଯୋଗ ଦ୍ୱାରା ଅନେକ ରୋଗ ଭଲ ହୋଇପାରୁଛି । ଯୋଗ ମାଧ୍ୟମରେ ଶରୀର, ମନ ଓ ମସ୍ତିଷ୍କ ପୂର୍ଣ୍ଣ ରୂପେ କାର୍ଯ୍ୟ କରେ । ବ୍ୟସ୍ତବହୁଳ ଜୀବନରେ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗ ଏକାନ୍ତ ଆବଶ୍ୟକ । ଏପରିକି ରୋଗୀ ନିୟମିତ ଯୋଗ ଅଭ୍ୟାସ କଲେ ଆରୋଗ୍ୟ ଲାଭ କରି କର୍ମଚଞ୍ଚଳ ହୁଏ। ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟ ରକ୍ଷା ହିଁ ସମ୍ଭବ ହୋଇଥାଏ । ସେଥିଲାଗି ବିଶ୍ୱବ୍ୟାପି ଲୋକ ଏବେ ସୁସ୍ଥ ରହିବା ପାଇଁ ଯୋଗକୁ ଆପଣେଇ ନେଇଛନ୍ତି। ଏହା ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ଏହା ମନ ଏବଂ ଶରୀରକୁ ସଂଯୋଗ କରିଥାଏ। ଯୋଗ କରିବା ଦ୍ୱାରା ଚିନ୍ତା, କ୍ରିୟା, ସଂଯମ ଏବଂ ପୂର୍ଣ୍ଣତା ପ୍ରାପ୍ତି ହୋଇଥାଏ । ତେଣୁ ପ୍ରତିବର୍ଷ ଜୁନ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଏ । ଯୋଗ ଶବ୍ଦଟି ସଂସ୍କୃତ ଧାତୁ "ଯୁଜ୍" ରୁ ଆସିଛି, ଯାହାର ଅର୍ଥ ହେଉଛି ଯୋଡିବା । ଶରୀର ମନକୁ , ମନ ଓ ଆତ୍ମାକୁ ଗୋଟିଏ ସୁତ୍ରରେ ବାନ୍ଧିବା। ମନୁଷ୍ୟ ଶରୀରରେ ଅନେକ ପ୍ରକାରର ଛୋଟ ବଡ ରୋଗର ଲକ୍ଷଣ ଦେଖିବାକୁ ମିଳିଥାଏ । କିନ୍ତୁ ଯଦି ଆମ ଜୀବନଧାରାରେ ପ୍ରତ୍ୟେକ ଦିନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିବା ତାହାଲେ ନୀରୋଗ ରହିବା ସହିତ ଦୀର୍ଘଜୀବୀ ହୋଇପାରିବା । ଯୋଗକୁ ଜୀବନ ଶୈଳୀରେ ଏକ ଚିକିତ୍ସା ପଦ୍ଧତି ଭାବରେ ପରିଗଣନା କରାଯାଇପାରେ, କାରଣ ପ୍ରତ୍ୟେକ ଚିକିତ୍ସା ପଦ୍ଧତିର ନିଜର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । କିନ୍ତୁ ଯୋଗର ପ୍ରକୃତ ଉଦ୍ଦେଶ୍ୟ ହେଉଛି ମଣିଷକୁ ଶାରୀରିକ ତଥା ମାନସିକ ଭାବେ ସୁସ୍ଥ ରଖିବା । କଥାରେ ଅଛି- 'କରିବା ସଭିଏଁ ଯୋଗ/ ଦୂରହେବ ଆମ ରୋଗ'

ଆଜିର ସମୟରେ ଯୋଗର ଆବଶ୍ୟକତା ଆମ ଶରୀର ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ଆମ ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ବିଭିନ୍ନ ଆସନଗୁଡ଼ିକ କରିବା ଦ୍ୱାରା ଶରୀର ଠିକ ରହିବା ସହିତ ଅଧିକ ଚାପରୁ ମୁକ୍ତି ମିଳିଥାଏ। ଯୋଗାଭ୍ୟାସ କରିବା ଦ୍ୱାରା ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗରେ ଅମ୍ଳଜାନ ପ୍ରବାହ ଭଲ ଭାବରେ ହେବା ସହ ଦେହରେ ରକ୍ତ ସଞ୍ଚାଳନ ମଧ୍ୟ ଭଲଭାବେ ହୋଇଥାଏ। ଏହି ଆସନ ଗୁଡ଼ିକ ଦ୍ୱାରା ଆମ ଶରୀର ନମନୀୟ ହେବା ସହ ପାଦ ଅଧିକ ଶକ୍ତିଶାଳୀ ହୁଏ। ଯୋଗଦ୍ୱାରା କୋଷ୍ଠ କାଠିନ୍ୟ ସମସ୍ୟା, ଏସିଡିଟି, ଆଲର୍ଜି ସମସ୍ୟା, ଶ୍ୱାସ ରୋଗ ଏବଂ ସବୁଠୁ ବିରକ୍ତକର ଶୋଇବା ସମୟରେ ଘୁଙ୍ଘୁଡ଼ି ସମସ୍ୟା ମଧ୍ୟ ଧୀରେ ଧୀରେ ବନ୍ଦ ହୁଏ।

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସାରା ବିଶ୍ୱ ଆଜି ଯୋଗ କରୁଛି । ପ୍ରତିବର୍ଷ ଭଳି ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ରହିଛି। ଚଳିତ ବର୍ଷ ଅର୍ଥାତ ୨୦୨୫ ମସିହାର ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ହେଉଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଏହାର ଉଦ୍ଦେଶ୍ୟ ହେଉଛି ଯୋଗ ଅଭ୍ୟାସ କରି ଆମେ ପରିବେଶକୁ ସୁରକ୍ଷା ଦେଇପାରିବା ଏବଂ ନିଜର ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବା । ଯୋଗ କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଯୋଗ ଏକ ଏକତ୍ରିତ ଶକ୍ତି ଯାହା ବିଭାଜନକୁ ଭଙ୍ଗ କରି ଏକ ସୁସ୍ଥ ବିଶ୍ୱ ପାଇଁ ଲୋକଙ୍କୁ ଏକତ୍ରିତ କରିଥାଏ । ଆମକୁ ପ୍ରାକୃତିକ ଜଗତ ସହିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରି ଏହାର ଯତ୍ନ ନେବାକୁ ପଡିବ ଏକଥା ଯୋଗ ଆମକୁ ଶିଖାଇଥାଏ । ଯୋଗ ମଣିଷର କଲ୍ୟାଣ ଉପରେ ଗୁରୁତ୍ୱାରୋପ କରେ ଏବଂ ବିଶ୍ୱ ସ୍ୱାସ୍ଥ୍ୟ, ଶାନ୍ତିକୁ ପ୍ରୋତ୍ସାହିତ କରେ। ଯୋଗ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଏ।

ଆଜିର ଦ୍ରୁତ ଗତିରେ ପରିବର୍ତ୍ତିତ ବିଶ୍ୱରେ, 'ଏକ ପୃଥିବୀ ,ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଧାରଣା ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶଗତ କଲ୍ୟାଣ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଛି। 'ଏକ ପୃଥିବୀ' ଧାରଣା ଆମକୁ ମନେ ପକାଇ ଦିଏ ଯେ ସମସ୍ତ ଜୀବ ଗୋଟିଏ ଗ୍ରହକୁ ବ୍ୟବହାର କରନ୍ତି ଓ ବସବାସ କରନ୍ତି। ଏହାକୁ ସୁରକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ। ଯୋଗ ସ୍ଥାୟୀ ଜୀବନଯାପନ, ସଚେତନତା ଏବଂ ପ୍ରକୃତି ପ୍ରତି ସମ୍ମାନକୁ ଉତ୍ସାହିତ କରେ, ଆମର କାର୍ଯ୍ୟ ପରିବେଶକୁ କିପରି ପ୍ରଭାବିତ କରେ ସେ ବିଷୟରେ ଗଭୀର ସଚେତନତା ସୃଷ୍ଟି କରେ। 'ଏକ ସ୍ୱାସ୍ଥ୍ୟ' ମଣିଷ, ପ୍ରାଣୀ ଏବଂ ପରିବେଶଗତ ସ୍ୱାସ୍ଥ୍ୟର ପରସ୍ପର ସମ୍ବନ୍ଧକୁ ଉଲ୍ଲେଖ କରେ। ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ପରିବେଶଗତ ସମସ୍ୟା, ପ୍ରକୃତି ଏବଂ ଲୋକଙ୍କୁ ପ୍ରଭାବିତ କରୁଥିବାରୁ, ଯୋଗ ବ୍ୟକ୍ତିବିଶେଷଙ୍କୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାରେ ସାହାଯ୍ୟ କରେ ଯାହା ନିଜପାଇଁ ଏବଂ ପରିବେଶ ପାଇଁ ଲାଭ ଦାୟକ ହୋଇଥାଏ ।

ଯୋଗ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରଦାନ କରେ ଯାହା ଆମ ବ୍ୟସ୍ତବହୁଳ ଜୀବନରେ ସନ୍ତୁଳନ ଫେରାଇ ଆଣିବାରେ ସାହାଯ୍ୟ କରେ। ତେବେ ବ୍ୟସ୍ତମୟ ଜୀବନରୁ କିଛି ସମୟ ବାହାର କରି ପ୍ରତିଦିନ କିଛି ଯୋଗ କରିବା ଉଚିତ । ନିୟମିତ ଯୋଗ କରିବା ଦ୍ୱାରା ତାହା କେବଳ ଶରୀରକୁ ସୁସ୍ଥ ରଖେ ତା' ନୁହେଁ, ମାନସିକ ସ୍ତରକୁ ମଧ୍ୟ ସନ୍ତୁଳିତ ରଖିଥାଏ। ଜନସାଧାରଣଙ୍କୁ ଯୋଗର ଉପକାରିତା ବିଷୟରେ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ୨୧ତାରିଖକୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବରେ ପାଳନ କରାଯାଇଥାଏ । ଯୋଗ କରିବାଦ୍ୱାରା ମସ୍ତିଷ୍କ ଶାନ୍ତ ହୋଇଥାଏ ଏବଂ ଶରୀରକୁ ସକରାତ୍ମକ ଶକ୍ତି ମିଳିଥାଏ। ନିୟମିତ ଯୋଗ ଅଭ୍ୟାସ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ, ସବଳ, ଆନନ୍ଦ ଏବଂ ଧୈର୍ଯ୍ୟଶୀଳ ହୋଇଥାଏ । ତେଣୁ ମାନସିକ ଭାରସାମ୍ୟ ହରାଉଥିବା ବ୍ୟକ୍ତି ନିଜ ପ୍ରତି ବିଶ୍ୱାସ ହରାଇନଥାଏ । ବାରମ୍ବାର ଯୋଗ ପଦ୍ଧତିରେ ରହିବା ଦ୍ୱାରା ନିଜର ମନୋବଳ ବୃଦ୍ଧି କରିଥାଏ । ଯୋଗ ଦ୍ୱାରା ମନୁଷ୍ୟର ଆଧ୍ୟାତ୍ମିକ ଅନୁଭବ ସୃଷ୍ଟି ହୋଇଥାଏ। ଯୋଗଦ୍ୱାରା ରକ୍ତଚାପ ସନ୍ତୁଳିତ ହୋଇଥାଏ । ହୃଦରୋଗରେ ପୀଡିତ ବ୍ୟକ୍ତି ଯୋଗ ଦ୍ୱାରା ଉପକୃତ ହୋଇଥାଆନ୍ତି । ମଧୁମେୟ ବା ଡାଇବେଟିସ୍ ରୋଗକୁ ଯୋଗ ନିୟନ୍ତ୍ରଣ କରିଥାଏ । ଯୋଗଦ୍ୱାରା ବ୍ୟକ୍ତି ସଂଯମ ଶିକ୍ଷାଲାଭ କରିବା ସହିତ ଭଗବତ ସେବାରେ ନିଜକୁ ସଂଯୁକ୍ତ କରିଥାଏ ।

କର୍ମମୟ ବ୍ୟସ୍ତ ଜୀବନ ଭିତରେ ମଣିଷ ଯୋଗ, ପ୍ରାଣାୟମକୁ ଭୁଲି ଯାଉଥିବାବେଳେ ଅକାଳ ବାର୍ଦ୍ଧକ୍ୟ ଜାଣିଶୁଣି ଡାକି ଆଣିବା ସହ ରୋଗଗ୍ରସ୍ତ ହେଉଛି। ଦୈନିକ ଯୋଗ କରିବା ଦ୍ୱାରା ମାନସିକ ଚାପ, ଅବସାଦ କମିବା ସହ ଅଣ ସଂକ୍ରାମକ ରୋଗର ନିୟନ୍ତ୍ରଣରେ ଯୋଗର ଯଥେଷ୍ଟ ଭୂମିକା ରହିଛି। ଯୋଗର ଉପକାରିତା ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସର ମହତ୍ତ୍ୱ । ଯୋଗକୁ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ଅନ୍ୟମାନଙ୍କୁ ଉତ୍ସାହିତ କରିବା ଏବଂ ଅନ୍ୟମାନଙ୍କୁ ଏହାକୁ ସେମାନଙ୍କର ଏକ ଅଂଶ କରିବାକୁ ଉତ୍ସାହିତ କରିବା ମଧ୍ୟ ଜରୁରୀ ଅଟେ। ମଣିଷ ଜୀବନରେ ଯୋଗର ଉପକାରିତା, ମହାତ୍ମ୍ୟ ଓ ଉଦ୍ଦେଶ୍ୟକୁ ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର କରିବା ଅନ୍ତର୍ଜାତୀୟ ଯୋଗ ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଆଜି ବିଶ୍ୱ ବ୍ୟାପୀ 'ଅନ୍ତର୍ଜାତୀୟ ଯୋଗ ଦିବସ' ପାଳନ କରାଯାଉଛି। ଭାରତରେ ସୃଷ୍ଟ ଯୋଗର ଉପକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି। ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଉଛି, ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଯୋଗାଭ୍ୟାସର ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଯୋଗ ମାଧ୍ୟମରେ ନିଜେ ସୁସ୍ଥ ରହିବା ସହିତ ପୃଥିବୀକୁ ସୁସ୍ଥ ରଖିବା। 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ବ୍ୟକ୍ତିବିଶେଷଙ୍କୁ କେବଳ ବ୍ୟକ୍ତିଗତ ଲାଭ ପାଇଁ ନୁହେଁ ବରଂ ପୃଥିବୀର ମଙ୍ଗଳ ପାଇଁ ଆହ୍ୱାନ କରେ। ଏହା ସନ୍ତୁଳିତ, ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ଏକ ପଥ ଭାବରେ କାର୍ଯ୍ୟ କରେ ।

# ସରକାରୀ ଜମିରେ ବସି ପାରିବନି ବ୍ୟକ୍ତିଗତ ବ୍ୟବହାର ପାଇଁ ଟ୍ରାନ୍ସଫର୍ମର



ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ରିଟାୟାର୍ଡ ଆଇଏଏସ
ନିଳାଦ୍ରି ବିହାର, ଭୁବନେଶ୍ୱର
ଫୋନ-୯୪୩୯୪୯୦୦୦୯

ରାଜ୍ୟର ବିଭିନ୍ନ ସ୍ଥାନ ମାନଙ୍କରେ ସାଧାରଣରେ ଦେଖାଯାଏ ଯେ, ଅଧିକାଂଶ ନାଗରିକ, ନିଜ ଜମିରେ ଅତି ଉଚ୍ଚ ଅଟ୍ଟାଳିକାମାନ ନିର୍ମାଣ କରି, ତାକୁ ନିଜ ବ୍ୟବହାର ପାଇଁ ହେଉ ବ୍ୟବସାୟୀ ଉଦ୍ଦେଶ୍ୟରେ ହେଉ, ସେ ଉଚ୍ଚ ଅଟ୍ଟାଳିକାର ବିଦ୍ୟୁତ ବ୍ୟବହାର ପାଇଁ ଯେଉଁ ସ୍ଥାୟୀ ଇଲେକ୍ଟ୍ରିକ ଟ୍ରାନ୍ସଫର୍ମରଟି ଦରକାର ପଡେ, ସେଇଟାକୁ, ଅତି ଚଞ୍ଚକତା କରି, ରାଜ ରାସ୍ତା / ସରକାରୀ ରାସ୍ତା ଉପରେ ନିର୍ଦ୍ୱନ୍ଦ୍ୱରେ ସ୍ଥାପନା କରି ଜୀବନ ସାରା ତାର ସୁବିଧା ଉପଭୋଗ କରିଥାନ୍ତି।

ସେହି ସରକାରୀ ରାସ୍ତାଟି ନିର୍ମାଣ ବିଭାଗର ହୋଇପାରେ କିମ୍ୱା ମ୍ୟୁନିସିପାଲିଟିର ହୋଇପାରେ କିମ୍ୱା ଜାତୀୟ ରାଜ ରାସ୍ତାର ବି ହୋଇପାରେ। କୌଣସି ସଂସ୍ଥା, ଏହି ଜବରଦଖଲ ବିରୁଦ୍ଧରେ ଅଭିଯୋଗ କରନ୍ତି ନାହିଁ।

ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଯେ, ବିଦ୍ୟୁତ ଶକ୍ତି ବିତରଣକାରୀ ସଂସ୍ଥା (Discom ) ମାନେ ଯେଉଁମାନେ ସରକାରୀ ଅଧିକୃତ କିମ୍ବା ସରକାରୀ ନିର୍ଦ୍ଦେଶରେ ପରିଚାଳିତ, ସେମାନେ ମଧ୍ୟ ଏ ବେଆଇନ କାର୍ଯ୍ୟକୁ ସମର୍ଥନ ପୂର୍ବକ, ରାଜ ରାସ୍ତା ଉପରେ ନିର୍ମିତ ଟ୍ରାନ୍ସଫର୍ମରକୁ ବିଦ୍ୟୁତ ସଂଯୋଗ ଦେବାରେ କୌଣସି ପ୍ରତିବନ୍ଧକ ଲଗାଇ ନଥାନ୍ତି କିମ୍ବା ଟ୍ରାନ୍ସଫମର ବସି ଥିବା ସ୍ଥାନର ସତ୍ତ୍ୱ କଣ ଓ ତାହା ସେ ବ୍ୟକ୍ତି, ଯାହାଙ୍କ ପାଇଁ ତାହା ଉଦ୍ଦିଷ୍ଟ, ତାଙ୍କ ନାମରେ ଅଛି କି ନାହିଁ- ତର୍ଜମା ମଧ୍ୟ କରି ନଥାନ୍ତି।

ଏ ସମସ୍ତ ସଂସ୍ଥା ମାନଙ୍କର ଅକ୍ଷମଣୀୟ-ଅବହେଳା କାରଣରୁ ବିଭିନ୍ନ ସମୟରେ, ଓଡିଶାର ବିଭିନ୍ନ ସ୍ଥାନମାନଙ୍କରେ ସାର୍ବଜନୀନ ସମ୍ପତ୍ତି, ବ୍ୟକ୍ତିଗତ ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହାର ହୋଇ ଆସୁଥିଲା ଓ ରାସ୍ତା ଗୁଡା ଯେଉଁ ସର୍ବସାଧାରଣଙ୍କ ଚଳାଚଳ ପାଇଁ ଉଦ୍ଦିଷ୍ଟ ଥିଲା, ତାହା ବହୁଳ ମାତ୍ରରେ ପ୍ରଭାବିତ ହେଉଥିଲା ଓ ରାସ୍ତାଗୁଡିକର ଜବରଦଖଲ ଯୋଗୁ ସେଗୁଡା ଚିରଦିନ, ସଂକୁଚିତ ହୋଇ ରହୁଥିଲା। ସାଧାରଣ ନାଗରିକ ଗୁଡା ଚିରଦିନ ମୁଣ୍ଡ ପାତି ସବୁବେଳେ ସହୁଥିଲେ।

ସମାଜର କିଛି ବୁଦ୍ଧିଜୀବୀ, ଏ ଗୁରୁତର ବିଷୟ ଉପରେ, ଶକ୍ତି ବିଭାଗର ଦୃଷ୍ଟି ଆକର୍ଷଣ କରି ଏ ବେଆଇନ କାର୍ଯ୍ୟର ସମ୍ପୂର୍ଣ ସମାପ୍ତି ନିମନ୍ତେ ପ୍ରାର୍ଥନା କରିଥିଲେ। ସରକାର ଏ ସମସ୍ତ ତଥ୍ୟ ଓ ପ୍ରମାଣର ତର୍ଜମା କରି ଗତ ତା -୩୦/୦୧/ ୨୦୨୫ ରେ ଶକ୍ତି ବିଭାଗର ନିର୍ଦ୍ଦେଶନାମା ସଂଖ୍ୟା -୧୦୪୧ ରେ ଶ୍ରୀ ବିଶାଳ କୁମାର ଦେବ, IASଙ୍କ ଦସ୍ତଖତରେ ଓଡିଶାର ସମସ୍ତ ବିଦ୍ୟୁତ ଶକ୍ତି ବିତରଣକାରୀ- ସଂସ୍ଥାମାନଙ୍କୁ ଶକ୍ତ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ଟ୍ରନାଫାର୍ମରର ନିର୍ମାଣ ନିମନ୍ତେ ୬% "ତଦାରଖ ଫି " ବାବଦରେ ଅର୍ଥ ଗ୍ରହଣ ପୂର୍ବରୁ ସେମାନେ, ଟ୍ରାନ୍ସଫର୍ମର ସ୍ଥାପିତ ସ୍ଥାନର ସତ୍ତ୍ୱ ଓ ସତ୍ତ୍ୱାଧିକାରୀଙ୍କ ବିଷୟରେ ସମସ୍ତ ତଥ୍ୟରେ ଟିକିନିଖି ତର୍ଜମା କରିବେ ଓ ସନ୍ତୁଷ୍ଟ ହେବା ପରେ ହିଁ, ବିଦ୍ୟୁତ ସଂଯୋଗ କରିବେ ।

କୌଣସି ସରକାରୀ ଜମିର ବ୍ୟକ୍ତିଗତ ବ୍ୟବହାର ଗୁଡିକୁ "ଜବରଦଖଲ " ବୋଲି ବିବେଚନା କରାଯିବ ଓ ସମ୍ପୃକ୍ତ ସରକାରୀ ସଂସ୍ଥା, ଏ ସମସ୍ତ ଜବରଦଖଲର ଉଚ୍ଛେଦ ନିମନ୍ତେ ତୁରନ୍ତ ବ୍ୟବସ୍ଥା କରିବେ।

ବିଦ୍ୟୁତ ବିତରଣ କାରୀ ସଂସ୍ଥାମାନଙ୍କୁ ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି ଏପରି କୌଣସି ସରକାରୀ ଜମି / ସ୍ଥାନର ଜବରଦଖଲ, ସେମାନଙ୍କ ନଜରକୁ ଆସେ ତେବେ ସେମାନେ ତାହା ତୁରନ୍ତ ଉପଯୁକ୍ତ ସରକାରୀ ଅଧିକାରୀ ଓ ସଂସ୍ଥାଙ୍କ ଦୃଷ୍ଟିକୁ ଆଣିବେ। କୌଣସି ପରିସ୍ଥିତିରେ କୌଣସି ବ୍ୟକ୍ତିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଟ୍ରାନ୍ସଫର୍ମର, ସରକାରୀ ଜମି ଅଥବା ରାସ୍ତାରେ ସ୍ଥାପିତ ହୋଇ ପାରିବନାହିଁ। ଯଦି କୌଣସି ପରିସ୍ଥିତିରେ ସରକାରୀ ଜମି ଉପରେ ତାହା ସ୍ଥାପିତ ହେବା ଅନିର୍ବାର୍ଯ୍ୟ, ସେପରି ସ୍ଥଳେ, ଉଦ୍ଦିଷ୍ଟ ସରକାରୀ ସଂସ୍ଥାଙ୍କଠାରୁ "ଆପତ୍ତି-ବିହୀନ " ପତ୍ର ପ୍ରାପ୍ତ ହେଲା ପରେ ହିଁ ଏହା ବିଚାରଯୋଗ୍ୟ ହୋଇ ପାରିବ।

ଶକ୍ତି ବିଭାଗର ଏ ନିର୍ଦ୍ଦେଶନାମା , ଦୀର୍ଘ ଦିନ ଧରି ଚାଲି ଆସୁଥିବା ବେଆଇନ କାର୍ଯ୍ୟର ସମାପ୍ତ କରିବ, ବିଦ୍ୟୁତ ବିତରଣକାରୀ ସଂସ୍ଥା ମାନଙ୍କୁ ଦାୟିତ୍ୱବାନ କରିବ ଓ ସର୍ବ ସାଧାରଣଙ୍କ ରାସ୍ତା ସେମାନେ ନିର୍ଦ୍ୱନ୍ଦ୍ୱରେ ବ୍ୟବହାର କରି ପାରିବେ।

ଜନସାଧାରଣଙ୍କୁ ଏହା ବଡ ଆଶ୍ୱସ୍ତି ପ୍ରଦାନକାରୀ ସରକାରୀ ନିର୍ଦ୍ଦେଶନାମା ଯେଉଁଥିପାଇଁ ସେମାନେ, ଶକ୍ତି ବିଭାଗ ଓ ଶକ୍ତି ସଚିବଙ୍କ ନିକଟରେ କୃତଜ୍ଞ। ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ଯଦି ରାଜ୍ୟ ସରକାର, ୨୦୧୮ ରୁ ପାରିତ "ସରକାରୀ ଜମି ଅକ୍ତିଆର ନିରୋଧ ଆଇନ " କୁ ପାରିତ କରି କାର୍ଯ୍ୟକାରୀ କରି ଥାନ୍ତେ, ତେବେ ସରକାରୀ ଜମି ଜବରଦଖଲ, ଯାହା ବହୁତ ମାତ୍ରାରେ ବୃଦ୍ଧି ପାଇଛି, ତାହାର ଅନ୍ତ ହୋଇଥାଆନ୍ତା ।

# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫




ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ। ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ। ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରାତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୁରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**





# ଭୋଜିରେ ଜାର୍ ପାଣି ମନା:୩ଟି ଗୋଦାମ୍ ସିଲ୍ କଲା ସିଏମ୍‌ସି

**କଟକ, ନ୍ୟୁଜ୍ ବ୍ୟୁରୋ**

ଏଣିକି ଭୋଜିରେ ଜାର୍ ପାଣି ବ୍ୟବହାର ମନା। କଟକ ସହରରେ କୌଣସି ଭୋଜିରେ ପାଣି ଜାର୍‌ରେ ପିଇବା ପାଣି ଯୋଗାଇ ପାରିବେ ନାହିଁ। ଏନେଇ କଟକଣା ଲଗାଇଲା କଟକ ମହାନଗର ନିଗମ। ଜାର୍ ପାଣିର ବିକଳ୍ପ ଭାବରେ ବୋତଲ ପାଣି ପରିବର୍ତ୍ତେ ପିଇବା ପାଣି ବ୍ୟବହାର କରିହେବ। ଏନେଇ ସମସ୍ତଙ୍କୁ ଅବଗତ କରାଯିବ। ଡାଇରିଆ ଆକ୍ରାନ୍ତଙ୍କୁ ଦୃଷ୍ଟିରେ ରଖି ଏପରି କଡା ପଦକ୍ଷେପ ଗ୍ରହଣ କରିଛି ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ। ସେ ବିବାହ ହେଉ କିମ୍ବା ବ୍ରତଘର ଅବା ଯେ କୌଣସି ଭୋଜିରେ ହେଉ, ସବୁ ଭୋଜି ପାଇଁ ଏହି କଟକଣା ଲାଗୁ କରାଯିବ। ଜାର୍ ପାଣି ବିଶୁଦ୍ଧ ନଥିବାରୁ ଏପରି କଟକଣା ଲାଗୁ କରାଯାଇଛି। ଏହି କ୍ରମରେ କଟକ ଶଙ୍କରପୁର ଅଞ୍ଚଳରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପାଣି ଗୋଦାମରେ ଚଢ଼ଉ କରାଯାଇଥିଲା। ତେବେ ପାଣି ଗୋଦାମରେ ଯେଉଁ ଜାର ପାଣି ସବୁ ରହିଥିଲା ତାହା ଟ୍ୟାପ ପାଣି। ଅର୍ଥାତ ଜାରରେ ବିଶୁଦ୍ଧ ପାଣି ଯୋଗାଇବା ପାଇଁ ଗୋଦାମରେ କୌଣସ ବ୍ୟବସ୍ଥା ନଥିଲା। ବରଂ ଟ୍ୟାପରୁ ଜାରରେ ପାଣି ଭର୍ତ୍ତି କରି ଲୋକମାନଙ୍କୁ ଯୋଗାଇ ଦିଆଯାଇଥିଲା। ଜାର ପାଣିକୁ କେବଳ ଥଣ୍ଡା କରି ଲୋକମାନଙ୍କୁ ପିଇବା ପାଇଁ ଦିଆଯାଉଥିଲା। ଏହି କାରଣରୁ ଶଙ୍କରପୁର ଅଞ୍ଚଳରେ ଥିବା ୩ଟି ପାଣି ଗୋଦାମକୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସିଲ୍ କରିଛି ସିଏମ୍‌ସି। ପାଣି ବ୍ୟବସାୟୀମାନେ ବିଶୁଦ୍ଧ ପାଣି ଯୋଗାଇବା ପରିବର୍ତ୍ତେ ଅପରିଷ୍କାର ପାଣି ଯୋଗାଉଥିଲେ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଜରିମାନା ଆଦାୟ କରିଛି ସିଏମ୍‌ସି। ଏହି ପାଣି ବ୍ୟବସାୟୀ ମାନେ ଅନେକ ଭୋଜିରେ ପାଣି ଯୋଗାଇଥାନ୍ତି। ଦୀର୍ଘଦିନ ଧରି ଏମାନେ ସହରରେ ଏପରି ପାଣି ଯୋଗାଉଥିଲେ। ବିନା ଅନୁମତିରେ ବେଧଡକ ଭାବରେ ଚାଲିଥିଲା ଏହି ବ୍ୟବସାୟ। ଛୋଟ ଛୋଟ ଘରେ ଏମାନେ ବିନା ଅନୁମତିରେ ପାଣି ଯୋଗାଉଥିଲେ। ଏପରିକି କୌଣସି ପଡୋଶୀ ମଧ୍ୟ ଜାଣି ନଥିବା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ତେବେ ଡାଇରିଆ ଆକ୍ରାନ୍ତକୁ ଦୃଷ୍ଟିରେ ରଖି ଆଗକୁ ଏହିପରି ଚଢ଼ଉ ଜାରି ରହିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ସହରର ଚାରିପଟେ ଡାଇରିଆ ଆତଙ୍କକୁ ଦୃଷ୍ଟିରେ ରଖି ସିଏମ୍‌ସି ପକ୍ଷରୁ ଉଚ୍ଚ ସ୍ତରୀୟ ବୈଠକ ଡକାଯାଇଥିଲା। ସିଏମ୍‌ସି ମେୟରଙ୍କ ଅଧକ୍ଷତାରେ ଡକାଯାଇଥିବା ଏହି ବୈଠକରେ ସହରାଞ୍ଚଳରେ କାର୍ଯ୍ୟ କରୁଥିବା ସମସ୍ତ ଡାକ୍ତର, ଆଶା କର୍ମୀ, ନର୍ସ, ସମସ୍ତ ଅଧିକାରୀ, ବିଭିନ୍ନ କର୍ମଚାରୀଙ୍କୁ ଡାକି ଏନେଇ ସଜାଗ ରହିବାକୁ ସିଏମସି ପରାମର୍ଶ ଦେଇଛି। ବିଶେଷକରି ସହରରେ ଯେପରି କୌଣସି ସ୍ଥାନ ଅପରିଷ୍କାର ନହେବ, ହୋଟେଲ, ଷ୍ଟ୍ରୀଟ ଫୁଡ଼ ଦୋକାନ ଗୁଡିକରେ ଯେପରି ପରିଷ୍କାର ବଜାୟ ରଖିବେ ସେଥିପ୍ରତି ଧ୍ୟାନ ଦେବାକୁ ସିଏମସି ମେୟର ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସ୍ଥାନରେ ପିଇବା ପାଣି ଯେପରି ଅପମିଶ୍ରିତ ନହେବ ସେଥିପାଇଁ ପଦକ୍ଷେପ ନେବାକୁ ମେୟର ପରାମର୍ଶ ଦେଇଛନ୍ତି। କେବଳ ସେତିକି ନୁହେଁ ଯେଉଁଠି ଆକ୍ରାନ୍ତ ଚିହ୍ନଟ ହେବେ ସେଠାରେ ଯେପରି ସଠିକ୍ ବିଶୋଧନ କରାଯିବ ସେନେଇ ପରାମର୍ଶ ଦେଇଛନ୍ତି ମେୟର। ବର୍ତ୍ତମାନ କଟକ ଜିଲ୍ଲାରେ ୪୦ ଜଣ ଡାଇରିଆ ଆକ୍ରାନ୍ତ ମାମଲା ଆକ୍ଟିଭ ରହିଛି । ସେମାନଙ୍କ ମଧ୍ୟରୁ ୩ ଜଣ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ବାଙ୍କୀ ଏବଂ କଟକ ସଦର ଅନ୍ତର୍ଗତ ଝିଙ୍କିରିଆ ଅଞ୍ଚଳରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ବାଙ୍କୀରେ ୪୦ ଜଣ ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ତାହାର କାରଣ ମଧ୍ୟ ଜଣାପଡିଥିଲା । ପିଇବା ପାଣିରେ ନାଳ ପାଣି ମିଶିବାରୁ ପାଣି ଦୂଷିତ ହୋଇ ଡାଇରିଆ ହୋଇଥିଲା । ଖବରପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିଶେଷକରି ସେଠାକାର ଲୋକଙ୍କୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦିଆଯାଉଥିଲା । ପାଣିକୁ ସମ୍ପୂର୍ଣ୍ଣ ଭାବରେ ବିଶୋଧନ କରାଯାଇଛି । ଫଳରେ ସେଠାକାର ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି ।



# ଅସୁରକ୍ଷିତ ଶ୍ରେଣୀଗୃହ:ରାସ୍ତାରେ ବସିଲେ ଛାତ୍ରଛାତ୍ରୀ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

ବିଦ୍ୟାଳୟର ଗୃହ ବିପଦପୂର୍ଣ୍ଣ ଥିବାରୁ ରାସ୍ତାରେ ବସିଲେ ଛାତ୍ରଛାତ୍ରୀମାନେ । କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ଅଧୀନସ୍ଥ ବଲ୍ଲୁପୁର ପଞ୍ଚାୟତ ସ୍ଥିତ ଚିନ୍ତାମଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସ୍ଥାନୀୟ ଅଭିଭାବକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ତାତିଲେ ଅଭିଭାବକ ଓ ଛାତ୍ରଛାତ୍ରୀ । ତେଣୁ ନିଜର ଦାବି ଜାହିର କରି ବିପଦପୂର୍ଣ୍ଣ ଗୃହରେ ନବସି ରାସ୍ତାରେ ବସିଲେ ଛାତ୍ରଛାତ୍ରୀମାନେ । ବିଦ୍ୟାଳୟର ଶ୍ରେଣୀ ଗୃହର ଛାତରୁ ରଡ଼ ଦେଖାଗଲାଣି ଏବଂ ଖଣ୍ଡ ଖଣ୍ଡ ହୋଇ ଛାତରୁ ସିମେଣ୍ଟ ଖଣ୍ଡ ପଡୁଥିବାରୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି ଛାତ୍ରଛାତ୍ରୀମାନେ । ଏଠାରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଏ। ଏହି ବିଦ୍ୟାଳୟରେ ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ତେଣୁ ତୁରନ୍ତ ସରକାର ଏହି ବିଦ୍ୟାଳୟରେ ଥିବା ଶ୍ରେଣୀ ଗୃହର ପୁନରୁଦ୍ଧାର କରିବା ପାଇଁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

## ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଟେବୁଲ୍ ଟପ୍ ଅଭ୍ୟାସ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାର ଅପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏକ ଟେବୁଲ୍ ଟପ୍ ଅଭ୍ୟାସ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ବିପର୍ଯ୍ୟୟ ନିରାକ୍ଷକ ପ୍ରଭୁଦତ୍ତ କୁମାର ପାଢ଼ୀଙ୍କ ସମେତ ଇନ୍ସପେକ୍ଟର, ଡିପିଓ ପ୍ରଭାକର ଲେଙ୍କା, ଜିଲ୍ଲା ଆପାତ ବ୍ୟବସ୍ଥାପନ ଅଧିକାରୀ ମଧୁସ୍ମିତା ସାମଲ ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟ ତଥା ବିପଦ ପରିସ୍ଥିତିରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସଂଯୁକ୍ତ କାର୍ଯ୍ୟ ପଦ୍ଧତିରେ ଆପାତକାଳୀନ ପରିସ୍ଥିତି ଗୁଡ଼ିକୁ ମୁକାବିଲା କରିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ।

# କଟକରେ ରଥଯାତ୍ରା ଶୃଙ୍ଖଳାର ସହ ସମ୍ପନ୍ନ କରାଯିବ

**କଟକ, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ରଥର ସୁରକ୍ଷା ପାଇଁ ଏହାର ସୁରକ୍ଷା ପ୍ରମାଣପତ୍ର, ରଥ ଗତି କରୁଥିବା ପଥଗୁଡିକରୁ ବିଦ୍ୟୁତ ତାର ଅପସାରଣ ଏବଂ ଏଥିପାଇଁ ଟିପିସିଓଡିଏଲ ଠାରୁ ସୁରକ୍ଷା ପ୍ରମାଣପତ୍ର, ଓଡ୍ରାଫ ଓ ଏନଡିଆରଏଫ ମୁତୟନ କରିବାକୁ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଡାଇରିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଖାଦ୍ୟ ଷ୍ଟଲ ଗୁଡ଼ିକରେ ଯାଞ୍ଚ ଆଦିକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ଚଳିତ ବର୍ଷ କଟକରେ ରଥଯାତ୍ରା ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭଉସାହେବ ଶିନ୍ଦେ ଅଧକ୍ଷତା କରି



ଏହିସବୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଐତିହ୍ୟ ସମ୍ପନ୍ନ କଟକ ସହରରେ ହରିପୁର-ଦୋଳମୁଣ୍ଡାଇ ଏବଂ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟ ସ୍ଥିତ ବଳଦେବଜୀଉ ମନ୍ଦିର, ତୁଳସୀପୁର, ପିଠାପୁର, ଯୋବ୍ରା ଆଦି ସ୍ଥାନ ମାନଙ୍କରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହେବ । ଅନୁଷ୍ଠିତ ହେବାକୁଥିବା ଏହି ରଥଯାତ୍ରାରେ ଧାର୍ମିକ ମନୋଭାବ ସହ କର୍ତ୍ତବ୍ୟ ପରାୟଣ ହୋଇ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜର କାର୍ଯ୍ୟ ସଂପାଦନ କରି ଚଳିତ ବର୍ଷ ରଥଯାତ୍ରାକୁ ସରସ, ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରଥ ନିର୍ମାଣ, ନୀତି ନିର୍ଘଣ୍ଟ, ପ୍ରସ୍ତୁତି ତଥା ଆବଶ୍ୟକୀୟ ପ୍ରଶାସନିକ ବ୍ୟବସ୍ଥା ସଂପର୍କରେ ବିଭିନ୍ନ ରଥଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥାପନା କରିଥିବା ବେଳେ, ରାସ୍ତାଘାଟର ମରାମତି, ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ, ନୀରବଚ୍ଛିନ୍ନ ବିଦ୍ୟୁତସେବା, ଜଳସିଞ୍ଚନ, ଆଶୁ ଚିକିତ୍ସା ସେବା ଓ ରଥ ନିକଟରେ ଆମ୍ବୁଲାନ୍ସ ମୁତୟନ, କେବୁଲ ତାର ଅପସାରଣ, ରଥଯାତ୍ରା ସମୟରେ ସହରରେ ଦିବାରାତ୍ର ପରିମଳ ବ୍ୟବସ୍ଥା, ନାଳନର୍ଦ୍ଦମା ଗୁଡିକର ସଫେଇ ଓ ଜଳନିଷ୍କାସନ, ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବ୍ୟବସ୍ଥା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ବୈଠକରେ ଯୋଗଦେଇ କଟକ ମହାନଗର ପୂଜା କମିଟିର ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ କହିଲେ ଯେ, ରଥଯାତ୍ରା ସମ୍ବନ୍ଧିତ ସମସ୍ତ କାର୍ଯ୍ୟକ୍ରମକୁ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସମନ୍ୱୟ ରକ୍ଷାପୂର୍ବକ ଅନୁପାଳନ କରିବାର ଆବଶ୍ୟକତା ରହିଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନିର୍ଦ୍ଧାରିତ ସମୟ ଅବଧି ପୂର୍ବରୁ ଆବଶ୍ୟକୀୟ କାର୍ଯ୍ୟମାନ ସମ୍ପାଦନ ହେବ ବୋଲି ଆଶା ପ୍ରକାଶ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ବୈଠକରେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଚଳିତ ବର୍ଷ ରଥଯାତ୍ରା ସହରରେ ଅନୁଷ୍ଠିତ ହେଉଥିବାରୁ ସମସ୍ତ ପ୍ରାକ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିବା ସହ ସଭାକାର୍ଯ୍ୟ ସଂଯୋଜନା କରିଥିଲେ । ବୈଠକରେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି, ଭିକାରି ଦାସ, ରାଣୀହାଟ ବଳଦେବ ଜୀଉ ରଥଯାତ୍ରା କମିଟି ସଭାପତି, ବିଜୟ କୁମାର ସାହୁ, ହରିପୁର ଦୋଳମୁଣ୍ଡାଇ ରଥଯାତ୍ରା କମିଟି ପକ୍ଷରୁ ହରେକୃଷ୍ଣ ପ୍ରଧାନ, ତୁଳସୀପୁର ମଠସାହି ରଥଯାତ୍ରା କମିଟି ସଭାପତି ପ୍ରଫୁଲ୍ଲ କୁମାର ବେହେରା, ପିଠାପୁର ରଥଯାତ୍ରା କମିଟି ସଭାପତି ସରୋଜ କୁମାର ଜେନା, ଯୋବ୍ରା ଶ୍ରୀ ଜଗନ୍ନାଥ ମନ୍ଦିର ରଥଯାତ୍ରା କମିଟି ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ତଥା ସଂପୃକ୍ତ ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଅଗ୍ନିଶମ, ଟିପିସିଓଡ଼ିଏଲ, କଟକ ମହାନଗର ନିଗମ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



# ବିକାଶ ରଥକୁ କୋଟସାହି ପଞ୍ଚାୟତରେ ସମ୍ବର୍ଦ୍ଧନା

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ କୋଟ ସାହି ଗ୍ରାମପଞ୍ଚାୟତରେ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଜେପି ଯାହାକି କହନ୍ତି ଡବଲ୍ ଇଞ୍ଜିନ ସରକାର। ଏଣୁ ରାଜ୍ୟ ବିଜେପି ସରକାରଙ୍କ ନିର୍ଦ୍ଦେଶକ୍ରମେ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିକାଶ ରଥ ଗଡା ଯାଇ ସରକାରଙ୍କ ଜନ ହିତକାରୀ କାର୍ଯ୍ୟକୁ ଲୋକଙ୍କ ଆଗରେ ପ୍ରତିପାଦନ କରାଯାଉଛି। ଉକ୍ତ ବିକାଶ (ବାହାନ) ରଥକୁ କୋଟସାହି ଗ୍ରାମପଞ୍ଚାୟତ ପକ୍ଷରୁ ବାଦ୍ୟ ମହୁରୀ ତାଳେ ତାଳେ ଏକ ବିଶାଳ ମାତୃଶକ୍ତି ମାନେ ଶୋଭାଯାତ୍ରାରେ ଉପସ୍ଥିତ ହୋଇ ପାଛୋଟି ନେଇଥିଲେ ଓ ପଞ୍ଚାୟତ ଅଫିସ୍ ଆଗରେ ଧୂପ ଦୀପ ଫୁଲ ଓ ନଡ଼ିଆ ବାଡେଇ ଉର୍ଦ୍ଧ୍ୱେସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାପରେ ପଞ୍ଚାୟତ ଅଫିସରେ ଏକ ଜନକଲ୍ୟାଣି ଆୟୋଜିତ ସଭାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଏଲିଡି ମାଧ୍ୟମରେ ବିକାଶର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ମାଜିକ ସୁରକ୍ଷା ଅଧିକାରୀଣୀ ସଲିମା ରାଉତ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ବିକଳାଙ୍ଗ ଭତ୍ତା, ଅନ୍ତୋଦୟ ଗୃହନିର୍ମାଣର କାର୍ଯ୍ୟାଦେଶ ପ୍ରଦାନ କରିବା ସହିତ ଖାଦ୍ୟ ସୁରକ୍ଷା କାର୍ଡ, ଶ୍ରମିକ କାର୍ଡ ଆଦି ବଣ୍ଟନ କରିଥିଲେ। ଏକ ବର୍ଷର ବିଜେପି ମୋହନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ଉପଲବ୍ଧି, ପାରଦର୍ଶିତା ଓ ଆଗାମୀ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଅବଗତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଯୁବନେତା ତଥା ସମାଜସେବୀ କାଳୀଚରଣ ଦାସ, ଯୁବ ପ୍ରତିଭା ରାଜେଶ ଖଟୁଆ, ବିଶ୍ୱନାଥ ଦାସ ମହାପାତ୍ର, ତାପସ ପାଣିଗ୍ରାହୀ ଏବଂ ବ୍ଲକ ଗ୍ରାମ କାର୍ଯ୍ୟନିର୍ବାହୀ ଅଧିକାରୀ ଦିନେଶ ସେଠୀ, ଏଡିଇଓ ନିମାଇଁ ଚରଣ ମହାନ୍ତି, କୃଷିକ ସାଥୀ, ପଞ୍ଚାୟତ ଏମବିକେ, ଆଶା ସ୍ୱୟଂ ସହାୟକ ମହିଳା ଉପସ୍ଥିତ ଥିବାବେଳେ ଏକ ହଜାରରୁ ଅଧିକ ସଂଖ୍ୟକ ପଞ୍ଚାୟତବାସୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ନାବାଳିକା ପରିବାରକୁ ବିଜେଡ଼ି ପ୍ରତିନିଧି ଦଳ ଭେଟିଲେ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ହରିଚନ୍ଦପୁର ବ୍ଲକ ଅନ୍ତର୍ଗତ ତଥା ପଣ୍ଡାପଡା ଥାନାର ତେନ୍ତେଳାପଶି ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ନାବାଳିକାଙ୍କ ପରିବାରକୁ ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀ ଭେଟିବା ସହ ଶ୍ମଶାନକୁ ଯାଇ ତାଙ୍କ ବାପାଙ୍କ ସହ ଆଲୋଚନା କରି ସମବେଦନା ଜଣାଇଛନ୍ତି । ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ବିଜୁ ଜନତା ଦଳ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ପାଟଣା ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ନାୟକ, ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, କେନ୍ଦୁଝରଗଡ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ମିନା ମାଝୀ, ହରିଚନ୍ଦନପୁର ବ୍ଲକ ଅଧ୍ୟକ୍ଷା ସୁନେଲୀ ନାୟକ, ଅମର କୁଅଁର, ପ୍ରମୋଦ ପଟ୍ଟନାୟକ, ରଞ୍ଜନ ଦାସ ପ୍ରମୁଖ ପ୍ରଥମେ ଶ୍ମଶାନକୁ ଯାଇ ମୃତ ବାଳିକାଙ୍କ ବାପା ଓ ପରିଜନଙ୍କ ସହ ଆଲୋଚନା କରିବା ପରେ ଘରକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହ ଆଲୋଚନା କରି ଏପରି ଅମାନୁଷିକ କାର୍ଯ୍ୟର କଡା ନିନ୍ଦା କରିଥିଲେ । ଏହାପରେ ଦଳର ଉପରୋକ୍ତ ନେତୃବୃନ୍ଦ ଜିଲ୍ଲା ସଦରମହକୁମାକୁ ଯାଇ ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକରଙ୍କୁ ସାକ୍ଷାତ କରି ଏକ ଚାରିଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ସଂପୃକ୍ତ ଆସାମୀମାନଙ୍କୁ ତୁରନ୍ତ ଗିରଫ କରିବା, କଡା ଦଫା ପକାଇବା, ଅପରାଧିଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ପଦକ୍ଷେପ ନେବା ଯେପରିକି ଏପରି ଅମାନବୀୟ କାର୍ଯ୍ୟ କେହି ଭବିଷ୍ୟତରେ କରିବାକୁ ଆଉ ଦୁଃସାହସ କରିବେ ନାହିଁ ଓ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ସହ ବାଳିକାମାନଙ୍କୁ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ଦାବି ଜଣାଇଛନ୍ତି ।

## ଜେ.କେ. କାଗଜକଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଜେକେ କାଗଜ କଳର ଭୁତ ପୂର୍ବ ଅଧ୍ୟକ୍ଷ ସ୍ୱର୍ଗତ ହରିଶଙ୍କର ସିଂଘାନିଆଙ୍କ ୯୨ତମ ଜନ୍ମଦିନ ପାଳନ ଅବସରରେ ଓଡ଼ିଶା ବ୍ଲଡ୍ ବ୍ୟାଙ୍କ, ରାୟଗଡ ସହାୟତାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କାଗଜ କଳର ୧୯୨ ଜଣ କର୍ମଚାରୀ ଓ ପରିବାରବର୍ଗ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉଦ୍‌ଘାଟନ ସମାରୋହରେ କାଗଜ କଳ ମହାପ୍ରବନ୍ଧକ-(ମାନବ ସମ୍ବଳ) ସନ୍ଦୀପ ପାଣ୍ଡେ ଓ ବରିଷ୍ଠ ଅଧିକାରୀ ଗଣ ଏବଂ ଜେକେ ଡିସ୍ପେନ୍ସାରିର ଡାଃ କେଭିଆର୍ ରାଓ, ଡାଃ ପଦ୍ମା ଉପସ୍ଥିତ ଥିଲେ। ରାୟଗଡା ବ୍ଲଡ୍ ବ୍ୟାଙ୍କ୍ ତରଫରୁ ଡାଃ ଗୌତମ ପଟ୍ଟନାୟକ, ଉମାକାନ୍ତ ମିଶ୍ର, ଡି କିଶୋର କୁମାର, ଉଷାରାଣୀ ବେହୁରିଆ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମକୁ ଜେକେ କାଗଜ କଳର ଉପ ମହାପ୍ରବନ୍ଧକ, (ଜନ କଲ୍ୟାଣ) ପରିଚାଳନା କରିଥିଲେ ଓ ତାଙ୍କୁ ୱେଲ୍‌ଫେୟାର୍ ଅଫିସର ଭାସ୍କର ନାଇଡ୍ଡୁ, ଶିବଙ୍କର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମଲକେନ ଡ୍ୟାମ୍ ଠାରେ ୱାଚ୍ ଟାୱାର ଉଦ୍‌ଘାଟିତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ସ୍ଥିତ ମଲକେନ ଡ୍ୟାମ୍ ଠାରେ ଉଦ୍‌ଘାଟିତ ହୋଇଯାଇଛି ୱାଚ୍ ଟାୱାର । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବିଜେପୁର ବିଧାୟକ ସନତ କୁମାର ଗଡତିଆ, ସମ୍ମାନିତ ଅତିଥି ଭାବରେ ବନ ଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ ଯୋଗଦେଇ ୱାଚ୍ ଟାୱାରର ଶୁଭ ଉଦ୍‌ଘାଟନ କରିଥିଲେ । ବରଗଡ଼ ବନ ବିଭାଗ କାମ୍ପା ଯୋଜନାରୁ ୩୫ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ନିର୍ମାଣ ହୋଇଥିବା ଏହି ୱାଚ୍ ଟାୱାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ଜଙ୍ଗଲ ଅନୁଭୂତି ସାଉଁଟିବା ସହ ଏହା ଡ୍ୟାମ୍ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ବିଧାୟକ ପ୍ରକାଶ କରିଥିବା ବେଳେ ଆଗାମୀ ଦିନରେ ଏହାର ବିକାଶ ଦିଗରେ



ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବହୁମୁଖି ନିରୀକ୍ଷଣ ମିନାର ଜଙ୍ଗଲ ନିଆଁ ନିରୀକ୍ଷଣ, ହାତୀର ଗତିବିଧି ନିରୀକ୍ଷଣ ତଥା ଜଙ୍ଗଲ ସୁରକ୍ଷା ଦିଗରେ ଏହା ସହାୟକ ହୋଇପାରିବ ବୋଲି ବରଗଡ ବନଖଣ୍ଡ ଅଧିକାରୀ ସୂଚନା ଦେଇଥିଲେ । ପରେ ବିଧାୟକ ବୃକ୍ଷ ରୋପଣ କରିବା ସହିତ ଲୋକମାନଙ୍କୁ ଚାରା ପ୍ରଦାନ କରିଥିଲେ । ତେବେ ଏହି ଉଦ୍‌ଘାଟନ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ପରିଚାଳନା କରିଥିବା ବେଳେ କଟାବାହାଲ ସରପଞ୍ଚ ଅର୍ପିତା ପଣ୍ଡା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବିଜେପି କର୍ମକର୍ତ୍ତା, ସାମାଜିକ କର୍ମୀ, ବନ ବିଭାଗର ସମସ୍ତ ଅଧିକାରୀ, ବୁଦ୍ଧିଜୀବୀ ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ । ତେବେ ଅବହେଳିତ ହୋଇ ପଡିରହିଥିବା ମଲକେନ ଡ୍ୟାମରେ ବନ ବିଭାଗ ତରଫରୁ ଏଭଳି ଏକ ୱାଚ୍ ଟାୱାର ନିର୍ମାଣ କରିଥିବାରୁ ସ୍ଥାନୀୟ ବାସିନ୍ଦା ବନଖଣ୍ଡ ଅଧିକାରୀ ଶ୍ରୀ ପଟ୍ଟନାୟକ ଓ ବନାଞ୍ଚଳ ଅଧିକାରୀ ଶ୍ରୀ ଜଗଦଲାଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି ।

# ପ୍ରାକୃତିକ ବିପର୍ଯ୍ୟୟରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୂତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ସମ୍ପୃକ୍ତ ବିଭାଗ ଦ୍ୱାରା ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ପଦକ୍ଷେପ ଉପରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ବିଭାଗ ମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମର ତଥ୍ୟ ଗୁଡିକର ପ୍ରତ୍ୟେକଟି ବିନ୍ଦୁ ଉପରେ ବିଷଦ ଭାବରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ସଠିକ୍ ଓ ସଫଳ ମୁକାବିଲା ନିମନ୍ତେ ବିପର୍ଯ୍ୟୟର ଅତ୍ୟନ୍ତ ଗୁରୁତର ପ୍ରଭାବକୁ ଧ୍ୟାନରେ ରଖି ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେବା ସହ ନୈତିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାର ବନ୍ୟା ଆଶ୍ରୟସ୍ଥଳୀ ମାନଙ୍କରେ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ଯେ କୌଣସି ପୂର୍ବ ସୂଚନାର ବ୍ୟାପକ ଜନ ସଚେତନତା ଓ ଗୋଷ୍ଠୀ ସହାଭାଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଓ ସେ ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସୁ-ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟ ସମ୍ପାଦନରେ ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଯତ୍ନବାନ ହେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ସମ୍ପୃକ୍ତ ପ୍ରତ୍ୟେକ ଅଧିକାରୀ ତଥା କର୍ମଚାରୀ ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ସହ ସ୍ଥିତି ପରିସ୍ଥିତିକୁ ନିରୀକ୍ଷଣ କରି ତ୍ୱରିତ ପଦକ୍ଷେପ ପାଇଁ କାର୍ଯ୍ୟ କରିବାକୁ କହିଥିବା ବେଳେ କାର୍ଯ୍ୟର ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲାସ୍ତର, ଉପଖଣ୍ଡସ୍ତର, ବ୍ଲକସ୍ତର ତଥା ସମ୍ପୃକ୍ତ ବିଭିନ୍ନ ବିଭାଗ ନିଜ ନିଜ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌ର କାର୍ଯ୍ୟକ୍ଷମକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀ ତଥା ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।




ଜିଲ୍ଲାର ଜନସାଧାରଣ ବିପର୍ଯ୍ୟୟ ସମ୍ବଧୀୟ କୌଣସି ତ୍ୱରିତ ସୂଚନା ପାଇବାକୁ କିମ୍ବା ସୂଚନା ଦେବାକୁ ଜିଲ୍ଲା କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ୍ ନମ୍ବର ୦୬୬୫୪- ୨୯୧୩୭୪ କୁ (୨୪,୭) ଯୋଗାଯୋଗ କରିପାରିବେ। ଏତଦ ବ୍ୟତୀତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ବିଗତ ବର୍ଷର ଅଭିଜ୍ଞତାକୁ ନେଇ ନିଜ ବିଭାଗ ସମ୍ପୃକ୍ତ ସମ୍ବେଦନଶୀଳ କାର୍ଯ୍ୟକୁ ସମୟ ପୂର୍ବରୁ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ରାଜ୍ୟ ରିଲିଫ କମିଶନ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ମୟୁରେସ ପଣ୍ଡା ଯୋଗଦାନ କରି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓସଡ଼ମା ଓ ଏନଡିଆରଏଫର ଭୂମିକା ଉପରେ ଆଲୋକପାତ କରି ପ୍ରତ୍ୟେକ ବିଭାଗ ସଂଗଠିତ ହୋଇ ନିଜ ନିଜର ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କଲେ ଆମେ ନିଶ୍ଚିତ ସଫଳ ହେବା ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ସମସ୍ତ ବ୍ଲକସ୍ତର ସହ ମ୍ୟୁନିସିପାଲିଟି ସୋନପୁର, ଏନଏସି ବିନିକା ଓ ତରଭାରେ ମଧ୍ୟ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିବା ବେଳେ ୧୯ତାରିଖରେ ଜିଲ୍ଲାରେ ଥିବା ୬ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଠାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଅବସରରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପ ଜିଲ୍ଲାପାଳ ସୋନପୁର ଡଃ.ସୌମ୍ୟରୁପା ରଥ ପ୍ରମୁଖ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରି ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ନିମନ୍ତେ ଉତ୍ତମ ସମନ୍ୱୟ ରକ୍ଷା ପୂର୍ବକ ଦୃଢ଼ ମାନସିକତା ସହ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟ ସମ୍ପାଦନକୁ ବ୍ୟବସ୍ଥିତ ପରିଚାଳନା ପାଇଁ ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ମାଇକ୍ରୋ ପ୍ଲାନିଂ କରି ବିଭାଗୀୟ କାର୍ଯ୍ୟର ଦାୟିତ୍ୱ ବଣ୍ଟନକୁ ସୁନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ମ୍ୟୁନିସିପାଲିଟି ସୋନପୁର ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ବିନିକା ଓ ତରଭା ସହ ବିଭିନ୍ନ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲା ଜରୁରୀ ଶାଖା ଅଧିକାରୀ ସଂଗ୍ରାମ କେଶରୀ ଜେନା ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜରୁରୀ ଶାଖାର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ କାର୍ଯ୍ୟକ୍ରମର ରୂପରେଖ, ବ୍ୟବସ୍ଥିତ କାର୍ଯ୍ୟଖସଡ଼ାର ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ତଥ୍ୟ ପ୍ରଦାନ କରିଥିଲେ ।

# ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଯାଆଁଳା ଭାଇ ଦ୍ୱୟଙ୍କୁ ସମ୍ବର୍ଦ୍ଧନା



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ପ୍ରାପ୍ତ ସୂଚନା ଅନୁସାରେ ସର୍ବ ଭାରତୀୟ ସ୍ତରରେ ହେବାକୁଥିବା ନିଟ୍ ପରୀକ୍ଷାରେ ବଲାଙ୍ଗୀର ଜିଲ୍ଲାର ତୁଷୁରା ନିବାସୀ ରିଜୁଲ ଜୈନ ୪୭ତମ ଓ ସୁବ୍ରତ ଜୈନ ୧୬୭୫ ତମ, ସ୍ଥାନ ଅର୍ଜନ କରିଛନ୍ତି। ସେମାନେ ୨୦୨୩ରେ ବଲାଙ୍ଗିର ଥିବା ଲିଟିଲ୍ ଫ୍ଲାୱର ସ୍କୁଲ୍‌ରୁ ଦଶମ ଶ୍ରେଣୀ ପାସ୍ କରି ଏବଂ ପରେ ଦିଲ୍ଲୀକୁ ଯାଇ ୧୨ମ ଶ୍ରେଣୀ ପଢିଥିଲେ ଏବଂ ନିଟ୍ ପାଇଁ ପ୍ରସ୍ତୁତି ନେଇଥିଲେ। ଦୁଇ ଯାଆଁଳା ଭାଇ ପ୍ରତିଦିନ ୧୩ ରୁ ୧୪ ଘଣ୍ଟା ପଢି ଅନୁଶାସନ ଓ ପ୍ରତିଶ୍ରୁତି ସହିତ ପ୍ରସ୍ତୁତି ନେଇ ଏହି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଏହା ପ୍ରଥମ ଥର ନୁହେଁ – ସେମାନେ ଆଗରୁ ମଧ୍ୟ ବହୁତ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି। ଏହି ସଫଳତାରେ ତାଙ୍କ ବାପା ରାକେଶ କୁମାର ଜୈନ, ମା' ସୀମା ଜୈନ, ଦାଦା ତୁଳସୀରାମ ଜୈନ, ଦାଦୀ ଅଙ୍ଗୁରୀ ଜୈନ, ମାମୁଁ ଗଣେଶ ଅଗ୍ରୱାଲ ଓ ସଂପୂର୍ଣ୍ଣ ପରିବାର ମଧ୍ୟରେ ଖୁସିର ଲହରି ବ୍ୟାପିଛି। ବିଶେଷ କଥା ହେଉଛି, ବିଗତ ଦୁଇ ବର୍ଷ ଧରି ମା' ସୀମା ଜୈନ ଦିଲ୍ଲୀରେ ଏହି ସନ୍ତାନମାନଙ୍କୁ ସହଯୋଗ କରୁଥିଲେ। ଦୁଇ ଯାଆଁଳା ଭାଇ ତାଙ୍କ ଅଜା ଘରେ ପହଞ୍ଚିଥିଲେ, ଯେଉଁଠାରେ ମାମୁଁ ଗଣେଶ ଅଗ୍ରୱାଲ ଓ ସମ୍ପୂର୍ଣ୍ଣ ପରିବାର ଦ୍ୱାରା ଭବ୍ୟ ଭାବରେ ସ୍ୱାଗତ କରାଯାଇଛି। ଏହି ସଫଳତା ଅବସରରେ ମାରୱାଡି ଯୁବା ମଞ୍ଚ ବିକାଶ ଶାଖା କଣ୍ଟାବାଞ୍ଜି ଶାଖା ସମ୍ପାଦକ ନବନୀତ ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଆଶୀଷ ଖେତାନ, ପୂର୍ବ ପ୍ରାନ୍ତୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୀଷ ଜୈନ, କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ଜିନ୍ଦଲ, ସୁନାମ ଅର୍ଜନ କରିଥିବା ଦୁଇ ଛାତ୍ର ସ୍ମୃତି ଚିହ୍ନ, ପ୍ରଦାନ କରି ପୂରା ପରିବାରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ତାଙ୍କ ଅଜା ଘରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରଖାଯାଇଥିଲା । ଅନ୍ୟ ସଂଗଠନ ମାନେ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ୫ମ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି ମାର୍କ ଉଡ୍

**ଲଣ୍ଡନ**

ଆଘାତପ୍ରାପ୍ତ ଇଂଲଣ୍ଡ ଫାଷ୍ଟ ବୋଲର ମାର୍କ ଉଡ ଜୁଲାଇ ୩୧ରୁ ଓଭାଲଠାରେ ହେବାକୁ ଥିବା ୫ମ ତଥା ଫାଇନାଲ ଟେଷ୍ଟ ବେଳକୁ ଫିଟ ହୋଇଯାଇ ଥିବେ ଏବଂ ସିଲେକ୍ସନ ପାଇଁ ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି । ଆଣ୍ଠୁରେ ଅସ୍ତ୍ରୋପଚାର ପରେ ଉଡ ବର୍ତ୍ତମାନ ରିହାବିଲିଟେଶନରେ ଅଛନ୍ତି । ଚଳିତବର୍ଷ ପ୍ରାରମ୍ଭରେ ଚାମ୍ପିୟନ୍ସ ଟ୍ରଫି ବେଳେ ଏହି ୩୫ ବର୍ଷୀୟ କ୍ରିକେଟର ବାମ ଆଣ୍ଠୁରେ ଲିଗାମେଣ୍ଟ ଇଞ୍ଜୁରୀ ହୋଇଥିଲା।

ମାର୍ଚ୍ଚରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସମ୍ପୂର୍ଣ୍ଣ ଫିଟ୍ ହେବାକୁ ତାଙ୍କୁ ୪ମାସ ସମୟ ଲାଗିବ ବୋଲି ସେତେବେଳେ ତାଙ୍କୁ ଡାକ୍ତର କହିଥିଲେ। ମାତ୍ର ଉଡ କହୁଛନ୍ତି, ସେ ୫ମ ଟେଷ୍ଟ ବେଳକୁ ଫିଟ ହୋଇଯାଇଥିବେ ରିହାବିଲିଟେଶନ ବେଳେ ହାଲ୍କା ବୋଲିଂ ଅଭ୍ୟାସ କରିଛନ୍ତି । ସେ ବିଧିବଦ୍ଧ ଭାବେ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଛନ୍ତି।



# ଇତିହାସ ରଚିଲେ ସୁନାପୁଅ ନୀରଜ ଚୋପ୍ରା : ଜିତିଲେ ପ୍ୟାରିସ୍ ଡାଇମଣ୍ଡ ଲିଗ୍

**ନୂଆଦିଲ୍ଲୀ**

ବିଦେଶ ମାଟିରେ ଉଡିଲା ତ୍ରିରଙ୍ଗା । ଇତିହାସ ରଚିଲେ ଦେଶର ଷ୍ଟାର ଜାଭଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା । ବଡ଼ ପ୍ରତିଦ୍ୱନ୍ଦୀ ଜୁଲିୟନ ଓ୍ୱେବରଙ୍କୁ ହରାଇ ପ୍ରଥମ ପ୍ୟାରିସ୍ ଡାଇମଣ୍ଡ ଲିଗ୍ ଜିତିଛନ୍ତି ନୀରଜ । ଚଳିତ ପ୍ୟାରିସ୍ ଡାଇମଣ୍ଡ ଲିଗ୍‌ରେ ଦମଦାର ପ୍ରଦର୍ଶନ କରିଛନ୍ତି ନୀରଜ ଚୋପ୍ରା । ୮୮.୧୬ ମିଟର ଜାଭଲିନ୍ ଫିଙ୍ଗିବା ସହିତ ଜର୍ମାନୀର ଜୁଲିୟନ ଓ୍ୱେବରଙ୍କୁ ପଛରେ ପକାଇଛନ୍ତି । ଜୁଲିୟନଙ୍କଠୁ ପୂର୍ବରୁ ଦୁଇ ମୁକାବିଲା ହାରିଥିଲେ ପ୍ୟାରିସ୍ ଡାଇମଣ୍ଡରେ ତାଙ୍କୁ ପରାସ୍ତ କରି ପ୍ରତିଶୋଧ ନେଇଛନ୍ତି ନୀରଜ ।

ଭାରତର ଷ୍ଟାର ଜାଭଲିନ୍ ଥ୍ରୋୟର ନୀରଜ ଚୋପ୍ରା ପ୍ୟାରିସ୍ ଡାଇମଣ୍ଡ ଲିଗ୍ ୨୦୨୫ ପୁରୁଷ ଜାଭଲିନ୍ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ୟାରିସ୍‌ରେ ଅନୁଷ୍ଠିତ ଇଭେଣ୍ଟରେ ନୀରଜ ତାଙ୍କ ନିକଟତର ପ୍ରତିଦ୍ୱନ୍ଦୀ ଜର୍ମାନୀର ଜୁଲିୟନ ଓ୍ୱେବରଙ୍କୁ ପରାସ୍ତ କରିଛନ୍ତି । ନୀରଜ ଗତ ଦୁଇ ଟୁର୍ଣ୍ଣାମେଣ୍ଟରେ ଓ୍ୱେବରଙ୍କଠୁ ପରାସ୍ତ ହୋଇଥିଲେ । ଏବେ ଜୁଲିୟନଙ୍କୁ ହରାଇ



ପୂର୍ବ ପ୍ରତିଶୋଧ ନେଇଛନ୍ତି । ପ୍ୟାରିସ୍ ଡାଇମଣ୍ଡ ଲିଗ୍‌ରେ ପ୍ରଥମ ପ୍ରୟାସରେ ୮୮.୧୬ ମିଟର ଥ୍ରୋ କରିଥିଲେ । ଏହି ଥ୍ରୋ ବଳରେ ସେ ଶେଷ ଯାଏ ଆଗୁଆ ରହିଥିଲେ । ଦ୍ୱିତୀୟ ପ୍ରୟାସରେ ୮୫.୧୦ ମିଟର ଥ୍ରୋ କରିଥିଲେ । ତୃତୀୟ, ଚତୁର୍ଥ ଓ ପଞ୍ଚମ ଥ୍ରୋ ଫାଉଲ୍ ହୋଇଥିଲା । ଷଷ୍ଠ ଥ୍ରୋ ୮୨.୮୯ ମିଟର ରହିଥିଲା ।

ଜର୍ମାନୀର ଜୁଲିୟନ ଓ୍ୱେବର ପ୍ରଥମ ପ୍ରୟାସରେ ୮୭.୮୮ ମିଟର ଜାଭଲିନ୍ ଥ୍ରୋ କରିଥିଲେ । ସେହିପରି ତାଙ୍କର ଦ୍ୱିତୀୟ ଥ୍ରୋ ୮୬.୨୦ ମିଟର ଥିଲା । ତୃତୀୟ ଥ୍ରୋ ୮୨.୦୩ ମିଟର, ଚତୁର୍ଥ ୮୩.୧୩ ମିଟର, ପଞ୍ଚମ ୮୪.୫୪ ମିଟର ଓ ଷଷ୍ଠରେ ୮୧.୦୮ ମିଟର ଥ୍ରୋ କରିଥିଲେ । ବ୍ରାଜିଲର ଲୁଇସ୍ ଡା ସିଲଭା ୮୬.୬୨ ମିଟର ଜାଭଲିନ୍ ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି ।

ମେ ୧୬ରେ ଦୋହା ଡାଇମଣ୍ଡ ଲିଗ୍ ୨୦୨୫ରେ ଜୁଲିୟନ ଓ୍ୱେବର ନୀରଜଙ୍କୁ ହରାଇଥିଲେ । ତାଙ୍କ ଥ୍ରୋ ୯୧.୦୬ ମିଟର ଥିଲା । ନୀରଜଙ୍କ ଥ୍ରୋ ୯୦.୨୩ ମିଟର ଥିଲା । ସେ ଦ୍ୱିତୀୟ ସ୍ଥାନରେ ରହିଥିଲା । ମେ ୨୩ରେ ପୋଲାଣ୍ଡରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଜୁଲିୟନଙ୍କଠୁ ହାରିଥିଲେ ନୀରଜ । ଏଥିରେ ଜୁଲିୟନଙ୍କ ଥ୍ରୋ ୮୬.୧୨ ମିଟର ଥିଲା । ନୀରଜଙ୍କ ଥ୍ରୋ ୮୪.୧୪ ମିଟର ଥିଲା ।

# ଗୋଟିଏ ମ୍ୟାଚ୍‌ରେ ୨ ଶତକ : ଇତିହାସ ରଚିଲେ ନାଜମୁଲ ହାସନ ଶାଣ୍ଟୋ



**ଗାଲେ**

ଶ୍ରୀଲଙ୍କା ବିପକ୍ଷରେ ଏଠାରେ ଖେଳାଯାଉଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର କମାଲ କରିଛନ୍ତି । ଜଣେ କ୍ରିକେଟର ମ୍ୟାଚର ଉଭୟ ଇନିଂସରେ ସେ ଶତକ ହାସଲ କରି ଇତିହାସ ରଚିଛନ୍ତି। କ୍ରିକେଟର ଜଣଙ୍କ ହେଲେ ବାଂଲାଦେଶ ଅଧିନାୟକ ନାଜମୁଲ ହାସନ ଶାଣ୍ଟୋ । ତେବେ ସେ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିବା ପ୍ରଥମ ବାଂଲାଦେଶୀ ଅଧିନାୟକ ହୋଇଛନ୍ତି । ଶାଣ୍ଟୋ ପ୍ରଥମ ଇନିଂସରେ ୧୪୮ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ସେ ୧୨୫ ରନର ଅପରାଜିତ ଇନିଂସ ଖେଳିଛନ୍ତି।

ବାଂଲାଦେଶ ୬ ଓ୍ୱିକେଟରେ ୨୮୫ ରନ୍‌ରେ ତାର ଦ୍ୱିତୀୟ ଇନିଂସ ଘୋଷଣା କରିଛି । ଏହିପରି ଶ୍ରୀଲଙ୍କାକୁ ଏହି ଟେଷ୍ଟ ମ୍ୟାଚ ଜିତିବା ପାଇଁ ୨୯୬ ରନ କରିବାକୁ ପଡ଼ିବ। କିନ୍ତୁ ବର୍ତ୍ତମାନ ଏହି ଟେଷ୍ଟ ମ୍ୟାଚ୍‌ରେ ଆଉ ସମୟ ନାହିଁ । ପଞ୍ଚମ ଦିନର ଖେଳ ଶେଷ ହେବାକୁ କେବଳ କିଛି ଓଭର ବାକି ଅଛି। ଏପରି ପରିସ୍ଥିତିରେ ଏହି ଟେଷ୍ଟ ମ୍ୟାଚ ଡ୍ର ଆଡକୁ ଯାଉଛି।

ବାଂଲାଦେଶ ଅଧିନାୟକ ନାଜମୁଲ ଗାଲେ ଟେଷ୍ଟ ମ୍ୟାଚରେ ଇତିହାସ ରଚିଛନ୍ତି । ସେ ଏହି ମ୍ୟାଚ୍‌ର ଉଭୟ ଇନିଂସରେ ଶତକ ହାସଲ କରିଛନ୍ତି । ପ୍ରଥମ ଇନିଂସରେ ସେ ୨୭୯ ବଲ୍‌ରେ ୧୫ ଚୌକା ଏବଂ ଗୋଟିଏ ଛକା ସହାୟତାରେ ୧୪୮ ରନ କରିଥିଲେ। ଏହା ବ୍ୟତୀତ ମୁଶଫିକର ରହିମ ମଧ୍ୟ ପ୍ରଥମ ଇନିଂସରେ ୧୬୩ ରନର ଇନିଂସ ଖେଳିଥିଲେ। ଏହା ସହିତ ବାଂଲାଦେଶ ତାର ପ୍ରଥମ ଇନିଂସରେ ୪୯୫ ରନ କରିଥିଲା।

ଶ୍ରୀଲଙ୍କା ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶର ଅଧିନାୟକ ୧୨ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଥିଲେ ନାଜମୁଲ। ଉଭୟ ଇନିଂସରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଏକ ଶତକ ହାସଲ କରିଥିଲେ। ସେ ଏହି ଟେଷ୍ଟ ମ୍ୟାଚରେ ୨୭୩ ରନ କରିଥିଲେ, ଯାହା ଏକ ଟେଷ୍ଟ ମ୍ୟାଚ୍‌ର ବାଂଲାଦେଶର ସର୍ବାଧିକ ସ୍କୋର ସେ ମୁସଫିକର ରହିମଙ୍କ ରେକର୍ଡ ଭାଙ୍ଗିଥିଲେ। ୨୦୧୩ରେ ଗାଲେ ଗ୍ରାଉଣ୍ଡରେ ଶ୍ରୀଲଙ୍କା ବିପକ୍ଷରେ ଏକ ଟେଷ୍ଟ ମ୍ୟାଚରେ ବାଂଲାଦେଶର ଅଧିନାୟକତ୍ୱ ସମୟରେ ରହିମ ମୋଟ ୨୦୦ ରନ କରିଥିଲେ।

# ପନ୍ତଙ୍କ ଆଗରେ ହାତ ଯୋଡ଼ିଲେ କେଏଲ ରାହୁଲ

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଲିଡ୍ସ ଟେଷ୍ଟ ମ୍ୟାଚର ପ୍ରଥମ ଦିନ ଟିମ ଇଣ୍ଡିଆ ସପକ୍ଷରେ ଥିଲା କେଏଲ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତ ଏବଂ ଅଧିନାୟକ ଶୁବମନ ଗିଲ। ସମସ୍ତେ ଭଲ ବ୍ୟାଟିଂ କରିଥିଲେ। ପ୍ରଥମ ଦିନର ଖେଳ ଶେଷ ହେବା ପରେ, କେଏଲ ରାହୁଲ ହଠାତ ଋଷଭ ପନ୍ତଙ୍କ ସାମ୍ନାରେ ହାତ ଯୋଡି ଦେଇଥିଲେ।

ଭାରତୀୟ ଅଧିନାୟକ ଶୁବମନ ଗିଲ ଏବଂ ଉପ-ଅଧିନାୟକ ଋଷଭ ପନ୍ତ ଲିଡ୍ସ ଟେଷ୍ଟ ମ୍ୟାଚର ପ୍ରଥମ ଦିନର ଖେଳ ଶେଷ କରିଥିଲେ। ଗିଲ ପ୍ରଥମ ଦିନ ୧୭୫ ବଲରେ ୧୨୭ ରନ କରିଥିଲେ ଏବଂ ପନ୍ତ ୧୦୨ ବଲରେ ୬୫ ରନ କରିଥିଲେ। ଏହା ପରେ, ଯେତେବେଳେ ପନ୍ତ ଏବଂ ଗିଲ ଅପରାଜିତ ଭାବରେ ପାଭିଲିୟନ ଫେରିଥିଲେ, ଦଳ ସେମାନଙ୍କୁ କରତାଳି ଦେଇ ସ୍ୱାଗତ କରିଥିଲା।



ଏହାର ଭିଡିଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଶେୟାର କରାଯାଇଛି।

ପ୍ରଥମ ଦିନର ଖେଳ ଶେଷ ହେବା ପରେ ଶୁବମନ ଗିଲ ଏବଂ ଋଷଭ ପନ୍ତ ଡ୍ରେସିଂ ରୁମ ଆଡ଼କୁ ସିଡ଼ି ଦେଇ ଆସୁଥିଲେ, ଯେତେବେଳେ କେଏଲ ରାହୁଲ ସିଡ଼ି ପାଖରେ ଉଭୟ ଖେଳାଳିଙ୍କୁ ଅପେକ୍ଷା କରିଥିଲେ। ରାହୁଲ ଗିଲଙ୍କୁ ଆଲିଙ୍ଗନ କରି ତାଙ୍କ ଇନିଂସ ପାଇଁ ଅଭିନନ୍ଦନ ଜଣାଇଥିଲେ। ଯେତେବେଳେ ପନ୍ତ ଗିଲଙ୍କ ପଛରେ ଆସିଥିଲେ, ରାହୁଲ ପନ୍ତଙ୍କ ସମ୍ମୁଖରେ ହାତ ଯୋଡିଥିଲେ ଏହା ପରେ, ରାହୁଲ ତାଙ୍କ ପିଠି ଥାପୁଡ଼ାଇ ତାଙ୍କୁ ଏକ ଭଲ ଇନିଂସ ପାଇଁ ଅଭିନନ୍ଦନ ଜଣାଇଥିଲେ।

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଯଶସ୍ୱୀ ଜୟସ୍ୱାଲଙ୍କ ସହିତ କେଏଲ ରାହୁଲ ଓପନିଂ କରିବାକୁ ଆସିଥିଲେ। ରାହୁଲ ଏବଂ ଜୟସ୍ୱାଲ ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ଜୟସ୍ୱାଲ ଶତକ ହାସଲ କରିଥିଲେ, କିନ୍ତୁ ରାହୁଲ ଅର୍ଦ୍ଧଶତକ ହାସଲ କରିବାରୁ ବଞ୍ଚିତ ହୋଇଥିଲେ। ରାହୁଲ ୭୮ ବଲରେ ୪୨ ରନର ଇନିଂସ ଖେଳିଥିଲେ। ରାହୁଲ ହୁଏତ ଅର୍ଦ୍ଧଶତକ ହାସଲ କରିପାରି ନ ଥାଆନ୍ତେ, କିନ୍ତୁ ଏହି ଦୁଇଜଣଙ୍କ ଭାଗୀଦାରୀ ଦଳକୁ ଏକ ଭଲ ଆରମ୍ଭ ଦେଇଥିଲା।

# ଧୋନୀଙ୍କୁ ପଛରେ ପକାଇଲେ ପନ୍ତ

**ଲିଡ୍ସ**

ଟେଷ୍ଟ କ୍ରିକେଟ ଇତିହାସରେ ଭାରତୀୟ ଓ୍ୱିକେଟକିପର ବ୍ୟାଟର ଭାବେ ସର୍ବାଧିକ ସଂଖ୍ୟକ ଶତକ କରିବାରେ ରିଷଭ ପନ୍ତ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ଅତିକ୍ରମ କରିଛନ୍ତି।

ପନ୍ତ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଛକା ମାରି ଶତକ ପୂରଣ କରିଥିଲେ। ସେ ୧୨ ଚୌକା ଓ ୬ ଛକା ସହିତ ୧୩୪ ରନ କରି ପାଭିଲିଅନ ଫେରିଥିଲେ । ଏହା ତାଙ୍କ କ୍ୟାରିୟରର ସପ୍ତମ ଟେଷ୍ଟ ଶତକ ଥିଲା। ଭାରତ ପାଇଁ ୯୦ ଟେଷ୍ଟ ଖେଳିଥିବା ଧୋନୀ ୬ ଶତକ ଓ ୩୩ ଅର୍ଦ୍ଧଶତକ ସହ ୪,୮୭୬ ରନ୍ କରିଥିଲେ। ସେ ଏବେ ବି ଭାରତ ପାଇଁ ଟେଷ୍ଟରେ ସର୍ବାଧିକ ରନ କରିଥିବା ଓ୍ୱିକେଟ କିପର ବ୍ୟାଟର ହୋଇ ରହିଛନ୍ତି।

ଶତକୀୟ ଇନିଂସ ଅବସରରେ ପନ୍ତ ଟେଷ୍ଟ କ୍ୟାରିୟରରେ ୩



ହଜାର ରନ ପୂରଣ କରିଛନ୍ତି। ଭାରତ ପାଇଁ ସର୍ବାଧିକ ଟେଷ୍ଟ ଶତକ କରିଥିବା ଓ୍ୱିକେଟକିପର ବ୍ୟାଟରଙ୍କ ତାଲିକାରେ ରିଦ୍ଧିମାନ ଶାହା, ସୟଦ କିରମାନି ଓ ପାରୁଖ ଇଞ୍ଜିନିୟର ଦୁଇଟି ଲେଖାଏ ଶତକ ସହ ମିଳିତ ତୃତୀୟ ସ୍ଥାନରେ ରହିଛନ୍ତି।

# ନିଃଶୁଳ୍କ ରକ୍ତ ଶିକୁଳି ରୋଗ ପରୀକ୍ଷା
## ୫୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ



**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ନରଣପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିସରରେ ବିଶ୍ୱ ସିକଲସେଲ ଦିବସ ଅବସରରେ ଲୋକଙ୍କୁ ସଚେତନତା କରିବା ଉପରେ ଏକ ସିକଲସେଲ ବା ରକ୍ତଶିକୁଳି ରୋଗର ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ନରଣପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ସରସ୍ୱତୀ ସାହୁ ୫୦ ଜଣଙ୍କର ରକ୍ତନମୁନା ସଂଗ୍ରହ କରିଥିଲେ। ଏହି ଅବସରରେ ସେ ରକ୍ତଶିକୁଳି ରୋଗର ଲକ୍ଷଣ ଓ ଏଥିପାଇଁ ଆବଶ୍ୟକୀୟ ସଚେତନତା ଉପରେ ଆଲୋଚନା କରିଥିଲେ। ସାତରୁ ଚାଳିଶ ବର୍ଷ ବୟସ୍କ ଲୋକଙ୍କ ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷାପାଇଁ ପଦ୍ମପୁର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିବା ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନରଣପୁରତ ଆଶାକର୍ମୀ ରାଜକୁମାରୀ ସେନାପତି, ସିଏଚଓ କିରଣବାଳା ଜେନା ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ ଯଦି କାହାର ରକ୍ତଶିକୁଳି ବାହାରେ ତେବେ ତାଙ୍କର ସମସ୍ତ ଚିକିତ୍ସା ସରକାରଙ୍କ ପକ୍ଷରୁ ମାଗଣାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା କରାଯିବାର ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟକର୍ମୀ ଶ୍ରୀମତୀ ସାହୁ କହିଥିଲେ।

# ବିକାଶ ମେଳା ମାଧ୍ୟମରେ ପ୍ରଦର୍ଶିତ ହେଲା ସରକାରଙ୍କ ବିଭିନ୍ନ ଯୋଜନା

**ବାଲେଶ୍ୱର, ନ୍ୟୁଜ୍**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାସ୍ତରୀୟ ବିକାଶ ମେଳା ସ୍ଥାନୀୟ ପୋଲିସ ଲାଇନ ରିଜର୍ଭ ପଡିଆ ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି । ଏଥିରେ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାର ସଫଳତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମକୁ ଉତ୍ସବମୟ ପରିବେଶରେ ସମାପନ ହୋଇଯାଇଛି। ଏହି ମେଳାର ଉଦ୍‌ଘାଟକ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଦାସ, ଓ ବିଧାୟକ, ନୀଳଗିରି ସନ୍ତୋଷ ଖଟୁଆଙ୍କ ଦ୍ୱାରା ହୋଇଥିଲା। ଏହି ମେଳାରେ ମୋଟ ୫୦ଟି ଷ୍ଟଲ ସଜାଯାଇଥିଲା ଯୋଉଥିରେ ଜିଲ୍ଲାରୁ ବିଭିନ୍ନ ବ୍ଲକର ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ସରକାରୀ ବିଭାଗରୁ ଷ୍ଟଲ ମାନଙ୍କରେ ଜନ ସଚେତନତାଧର୍ମୀ ବାର୍ତ୍ତା ଓ ଯୋଜନା ପ୍ରଚାର ଓ ପ୍ରସାର ଉଦ୍ଦ୍ୟେଶରେ ଏହି ମେଳାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ୨୫ଟି ଓରମାସ ଓ ୨୫ଟି ମିଶନ ଶକ୍ତି ପ୍ରକଳ୍ପ ଆୟୋଜିତ ହୋଇଥିଲା। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ବ୍ଲକ ରେ ବ୍ଲକ୍ ସ୍ତରୀୟ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଥିଲା ଏବଂ କୃତି ପ୍ରତିଯୋଗୀ ମାନଙ୍କୁ ଜିଲ୍ଲାସ୍ତରୀୟ ବିକାଶ ମେଳାରେ ନିଜ ରୋଷେଇ କୌଶଳ ପ୍ରଦର୍ଶନ କରିବାର ଅବସର ମିଳିଥିଲା ଓ କୃତୀ ପ୍ରୋଟିଯୋଗୀଙ୍କୁ ଅର୍ଥ ରାଶି ରେ ପୁରସ୍କୃତ କରାଯାଇଥିଲା। ଗତ ୧୭ ଜୁନ ତାରିଖରେ ମେଳାର ମୁଖ୍ୟ କାର୍ଯ୍ୟକ୍ରମରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ବାଲେଶ୍ୱର ବାସୀ ଙ୍କୁ ଉତ୍ସାହିତ କରିଥିଲେ। ତାଙ୍କ ସହ ବାଲେଶ୍ୱର, ନୀଳଗିରି, ରେମୁଣା ଓ ସିମୁଳିଆର ବିଧାୟକ ସାମିଲ ହୋଇ ମଞ୍ଚାସୀନ ଥିଲେ ।ଏଥିରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିବା ସହିତ ମଞ୍ଚାସୀନ ମୁଖ୍ୟ ଅତିଥି ଓ ସମସ୍ତ ଅତିଥି, ଉପସ୍ଥିତ ବାଲେଶ୍ୱର ଜିଲ୍ଲାବାସୀଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ବିକାଶ ମେଳା ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗତ ୧ ବର୍ଷର ବାର୍ଷିକୀ ପାଳନର ଏକ ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳତାର ପ୍ରଦର୍ଶନ ଏବଂ ସରକାରଙ୍କ ବିଭିନ୍ନ ବିଭଗର ଯୋଜନା ଜନହିତକର ଅନ୍ତର୍ଭୁକ୍ତିମୂଳକ ବିକାଶ ପ୍ରତି ପ୍ରତିବଦ୍ଧତାରେ ଓଡ଼ିଶାକୁ ବିକଶିତ ବିକଶିତ ଗାଁ ୨୦୩୬ ସାକାର କରିବା ପୁନଃନିର୍ମାଣ ସମ୍ପର୍କରେ ବରେଣ୍ୟ ଅତିଥି ଗଣ ନିଜ ନିଜର ମତବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକ୍‌ରେ ବିକାଶ ବାହନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ସରକାରଙ୍କ ଯୋଜନାର ସଫଳତା ବାର୍ତ୍ତା ସମସ୍ତଙ୍କ ପାଖରେ ସୂଚନା ପ୍ରଦାନ, ଜନ ସଚେତନତା, ତଥା ବିଭିନ୍ନ ସେବା ପ୍ରଦାନ କରିବା ନିମନ୍ତେ ବିଭିନ୍ନ ଗ୍ରାମ ପଞ୍ଚାୟତ ଓ ଓ୍ୱାର୍ଡରେ ପରିକ୍ରମଣ କରୁଛି। ଏହା ସହିତ ଆଧାର ଅପଡେଟ୍, ପିଏମଏଓ୍ୱାଇ କାର୍ଯ୍ୟାଦେଶ, ଅନ୍ତୋଦୟ ଯୋଜନାର ଲାଭ ଦେବା ଭଳି ଅନେକ ସେବା ମଧ୍ୟ ସ୍ଥାନୀୟ ଲୋକଙ୍କୁ ଯୋଗାଇ ଦିଆଯାଉଛି ଏବଂ ସେଥିରୁ ଲାଭ ଉଠାଇବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସରକାରଙ୍କ ଏକ ଅଭିନବ ପ୍ରୟାସ ଜାରି ରହିଛି । ଉଦ୍‌ଯାପନୀ ଦିବସର ଶେଷ ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ଚୌଦ୍ୱାରରେ ହଇଜା ମୁକାବିଲା ପାଇଁ ଜରୁରୀ ବୈଠକ

**ଚୌଦ୍ୱାର : ନ୍ୟୁଜ୍ ବ୍ୟୁରୋ**

ସମ୍ପ୍ରତି ରାଜ୍ୟର ବିଭିନ୍ନ ଜିଲ୍ଲାରେ ହଇଜା ବ୍ୟାପୁଥିବାରୁ ଚୌଦ୍ୱାର ସହରରେ ଏହାର ମୁକାବିଲା ପାଇଁ ଚୌଦ୍ୱାର ପୌରପାଳିକା ତରଫରୁ ଏକ ଜରୁରୀକାଳୀନ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ପୌର ସଭାଗୃହରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ପୌରପାଳିକାର ୧୯ଟି ଯାକ ଓ୍ୱାର୍ଡରେ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଓ ପାନୀୟ ଜଳ ଶୁଦ୍ଧତା ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ । ସମସ୍ତ ଓ୍ୱାର୍ଡର ଡ୍ରେନ, ଅଳିଆ ଆବର୍ଜନା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ସହିତଚୂନ ଓ ସନ୍ତସନ୍ତିଆ ଜାଗାରେ ବ୍ଲିଚିଂ ପକାଇବା ସହିତ ଏହି ରୋଗ ମୁକାବିଲା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓ୍ୱାର୍ଡରେ ଥିବା ସ୍ୱଚ୍ଛସାଥୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ମାନଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ ।

# ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ରାସନ କାର୍ଡ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ସାଧାରଣ ଲୋକଙ୍କୁ କିଭଳି ସମସ୍ତ ସୁବିଧା ମିଳିପାରିବ ସେଥିପାଇଁ ପାଇଁ ବିଭିନ୍ନ ବ୍ୟବସ୍ଥା କରୁଛନ୍ତି । କେତେକ କ୍ଷେତ୍ରରେ ଏହି ସୁବିଧା ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ବିଜ୍ଞାପିତ ଅଂଚଳ ପରିଷଦର ଏକ ନମ୍ବର ଓ୍ୱାର୍ଡ ର କରଣ ସାହିରେ। କରଣ ସାହି ବାସିନ୍ଦା ଯୋଗି ବାରିକ ବୟସ ୭୫ ବର୍ଷ ହେଲାଣି । ଦୈନିକ ରିକ୍ସା ଚଳେଇ ଯାହା ସେଥିରେ ରୋଜଗାର ହୁଏ ସେଥିରେ ତାଙ୍କ ପରିବାର ପ୍ରତିପୋଷଣ ହୋଇଥାଏ । ତାଙ୍କ ର ଖାଉଟି କାର୍ଡ ନାହିଁ । ଏନେଇ ଅନେକ ଥର ସେ ଜଣେଇ ଥିଲେ ମଧ୍ୟ ତାଙ୍କ କଥା କେହି ଶୁଣୁ ନାହାନ୍ତି । ଫଳରେ ସେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବରୁ ତାଙ୍କ ନାମରେ ବି ପି ଏଲ କାର୍ଡ ରହିଥିଲା । ସେ କାର୍ଡ ଟିକୁ ଏନଏସିକୁ ଫେରେଇ ଦେବାକୁ କୁଆଡେ ଏନ୍‌ଏସି ର କିଛି ଅଧିକାରୀ କହିଥିଲେ ବୋଲି ବି ରିକ୍ସା ଚାଳକ କହିଥିଲେ। ବିଜ୍ଞାପିତ ଅଂଚଳର ପରିଷଦ ପକ୍ଷରୁ ଖାଉଟି କାର୍ଡ ସର୍ଭେ ବେଳେ ତାଙ୍କ କାର୍ଡ କାଟିଦେଲ ବୋଲି ବୃଦ୍ଧା ଜଣକ ଦୁଃଖ ପ୍ରକାଶ କରି କହିଥିଲେ । ରିକ୍ସା ଚାଳକ ଜଣକ ନିଜ ରୋଜଗାର ସହ ଧାର ଉଦ୍ଧାର କରି ରହିବା ପାଇଁ ସାମାନ୍ୟ ଛୋଟ ଘର ଖଣ୍ଡିଏ ତିଆରି କରିଥିଲେ । ସେଥିପାଇଁ ପାଇଁ କୁଆଡେ ତାଙ୍କର ଖାଉଟି କାର୍ଡ କଟିଗଲା ବୋଲି କର୍ମଚାରୀ ତାଙ୍କୁ କୁଆଡେ କହିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠେ ଅନେକ ଲୋକଙ୍କୁ ପକ୍କା ଘର ଥାଇ ବି ଖାଉଟି କାର୍ଡ ମିଳିଛି କିନ୍ତୁ ଜଣେ ରିକ୍ସା ଚାଳକ ଙ୍କ ଖାଉଟି କାର୍ଡ ରୁ ବଞ୍ଚିତ କରିବା କେତେ ଦୂର ଠିକ ବୋଲି ଜଣେ ବୁଦ୍ଧିଜୀବୀ ପ୍ରଶାସନ ଙ୍କୁ ପ୍ରଶ୍ନ କରିଛନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ବ୍ୟକ୍ତି ଙ୍କୁ ଖାଉଟି କାର୍ଡ ଦେବା ପାଇଁ ଦାବୀ ହେଉଛି ।

# ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର

**ଜଳେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ଗୋବରଘଟା ଗ୍ରାମପଞ୍ଚାୟତର ଅଗ୍ରଓ୍ୱାଲା ଛକ ନିଟରେ ଘର ଭିତରୁ ଏକ ଛୁଲନ୍ତା ମୃତ୍ୟୁ ଦେହ ଉଦ୍ଧାରଘଟଣାରୁ ଜଣାଯାଉଛି ସ୍ତ୍ରୀର ପରକୀୟା ପ୍ରୀତି ପାଇଁ ସ୍ୱାମୀର ଜୀବନ ଗଲା । ଉକ୍ତ ପରକୀୟା ପ୍ରୀତି ସ୍ୱାମୀର ଅନୁପସ୍ଥିତିରେ ବେସ ଆସର ମେଲି ଚାଲିଥିଲା। ସ୍ୱାମୀ ପରିବାର ପ୍ରତିପୋଷଣ ପାଇଁ ସୁଦୁର ହାଇଦ୍ରାବାଦରେ ଏକ କମ୍ପାନୀରେ କାର୍ଯ୍ୟ କରୁଥାଏ। ଅଳ୍ପ କିଛି ଦିନ ହେଲା ସ୍ୱାମୀ ରମାକାନ୍ତ ଘୋଷ ଆସିଥିଲା। ଗତ ତିନି ଦିନ ହେଲା ସ୍ତ୍ରୀ ସାଥିରେ ଝଗଡା ହୋଇ ଥିଲା ବୋଲି ସାବତ ମା' ପ୍ରକାଶ କରିଥିଲା। ଘଟଣାଟି ଗୋବରଘଟା ପଞ୍ଚାୟତ ଅଗ୍ରଓ୍ୱାଲା ଛକ ନିକଟରେ ଆଜକୁ ପଚିଶ ବର୍ଷ ଧରି ବାପା ଗୋବର୍ଦ୍ଧନ ଘୋଷ ରହୁ ଥିଲା । ଗୋବର୍ଦ୍ଧନ ଘୋଷଙ୍କ ଘର ଦକ୍ଷିଣ ପ୍ରହରାଜପୁର ଗ୍ରାମପଞ୍ଚାୟତ ମାଗୁଣିଆ ପଡା । ଗୋବର୍ଦ୍ଧନ ଘୋଷଙ୍କ ପ୍ରଥମ ସ୍ତ୍ରୀର ଚାରୋଟି ପୁଅ ପ୍ରଥମ ଦ୍ୱିତୀୟ ଚତୁର୍ଥ ପୁଅ ମାନେ ମାଗୁଣିଆ ପଡାରେ ରୁହନ୍ତି। କିନ୍ତୁ ମାଙ୍କର ମୃତ୍ୟୁ ହେବା ପରେ ସେ ପୁନର୍ବାର ସଙ୍ଗସାର କରିଥିଲେ। ବାପା କିନ୍ତୁ ଆଜକୁ ପଚିଶ ବର୍ଷ ଧରି ଗୋବରଘଟା ଗ୍ରାମପଞ୍ଚାୟତ ଅଗ୍ରଓ୍ୱାଲା ଛକ ନିଟରେ ଘର କରି ରହୁଥିଲେ। ସେଠାରେ ସାବତ ମା' ପୁଅ ରମାକାନ୍ତ ଘୋଷ (୪୨) ଓ ବୋହୁ ଜାହ୍ନବୀ ଘୋଷ (୩୦)ଏକ ପାନ ଏବଂ ଚା ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସ୍ୱାମୀ ରମାକାନ୍ତ ଘୋଷ ହାଇଦ୍ରାବାଦ ଏକ କମ୍ପାନୀରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିବା ପାଇଁ ଯାଇଥିଲେ। ଘରେ ବିଧବା ମା, ୧୨ ବର୍ଷର ପୁଅ ଏବଂ ସ୍ତ୍ରୀ ରହିଥାନ୍ତି। ସ୍ୱାମୀ ବାହାରେ ରହିବାର ସୁଯୋଗ ନେଇ ସ୍ତ୍ରୀ ଜାହ୍ନବୀର ବିଭିନ୍ନ ପୁରୁଷଙ୍କ ସାଥିରେ କାୟା ବିସ୍ତାର କରି ଚାଲୁଥିଲା ବୋଲି ସେଠାରେ ଉପସ୍ଥିତ ଥିବା ଲୋକ କହୁଛନ୍ତି।

E-Mail I.D.-eerbjspr@gmail.com

**OFFICE OF THE SUPERINTENDING ENGINEER**
**JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**
**('e' PROCUREMENT NOTICE)**
B-223

Bid Identification No. S.E. JSP(R&B)-03 of 2025-26

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Single cover system in ONLINE MODE from eligible contractor for Building works as mentioned below.
2. No. of Work :- 01No.
3. Nature of work :- Road work
4. Class of Contractor :- "C" & "D"
5. Tender Paper Cost :- Rs. 6000/- (Online)
6. Available of bid documents in the website :- From 25/06/2025 to 5PM of 10/07/2025
7. Date of Opening of Bid :- 11AM of 11/07/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

OIPR-34093/11/0020/2526

(Er Sarbendu Sutar)
Superintending Engineer,
Jagatsinghpur (R&B) Division

CDA
**କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨**
CAD-845

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୨ରେ ପ୍ଲଟ୍ ନଂ-4C/1513, ଟିକୁ ଶ୍ରୀମତୀ ନମିତା ମହାନ୍ତି, ସ୍ୱାମୀ-ଧନଞ୍ଜୟ ମହାନ୍ତି, ସା-ପ୍ଲଟ ନଂ-4C/1513, ସେକ୍ଟର-୨, ସିଡିଏ, ପୋ-ମର୍କତନଗର, ଥା-ମର୍କତନଗର, ଜିଲ୍ଲା-କଟକ, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ନମିତା ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁଲୋଚନା ଅଗ୍ରଓ୍ୱାଲ, ସ୍ୱାମୀ-ରଙ୍ଗଲାଲ ଅଗ୍ରଓ୍ୱାଲ, ସା-ପ୍ଲଟ ନଂ- 2C/188, ସେକ୍ଟର-୨ ସିଡିଏ, ପୋ- ମର୍କତନଗର, ଥା-ମର୍କତନଗର, ଜିଲ୍ଲା-କଟକ, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା/-
ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

OIPR-13033/11/0322/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଜୁନ୍ ୨୦୨୫ ରବିବାର







ଶହୀଦ ନଗର ସ୍ଥିତ ଦୁର୍ଗାମଣ୍ଡପ ପରିସରରେ ଡା. ଜଗନ୍ନାଥ ମହାପାତ୍ରଙ୍କ ଦ୍ୱିତୀୟ ଶ୍ରଦ୍ଧା ଦିବସ ପାଳନ ଅବସରରେ ତାଙ୍କର ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବିଶିଷ୍ଟ ବ୍ୟକ୍ତି ମାନେ। (ଫଟୋ : ସମ୍ବାଦ କଳିକା)

## ଟାଇମ୍ସ ହାୟର ଏଜୁକେସନ୍ ଇମ୍ପାକ୍ଟ ର୍ୟାଙ୍କିଂ ୨୦୨୫

# ଭାରତରେ ୫ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଟାଇମ୍ସ ହାୟର ଏଜୁକେସନ (ଟିଏଚଇ) ଏକ ସର୍ଜନାତ୍ମକ ପଦ୍ଧତିରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସାମାଜିକ ପ୍ରଭାବ କ'ଣ ଅଛି ତା'ର ମୂଲ୍ୟାଙ୍କନ କରି ର୍ୟାଙ୍କ ପ୍ରଦାନ କରିଥାଏ। ଏହି ପରିପ୍ରେକ୍ଷୀରେ ବିଶ୍ୱର ଯେଉଁ ବିଶ୍ୱବିଦ୍ୟାଳୟଗୁଡିକ ସାମାଜିକ ପ୍ରଭାବ ଉପରେ କାର୍ଯ୍ୟ କରନ୍ତି ସେହି ଅନୁଷ୍ଠାନଗୁଡିକ ଏଥିରେ ଅଂଶଗ୍ରହଣ କରନ୍ତି । କିଟ୍ ଏହି ର୍ୟାଙ୍କିଂରେ ପ୍ରତିବର୍ଷ ଅଂଶଗ୍ରହଣ କରିଥାଏ। ଏଥିରେ ଉନ୍ନତ ପ୍ରଦର୍ଶନ କରି ପ୍ରତିବର୍ଷ କିଟ୍‌ର ସ୍ଥାନ ଉପରକୁ ଉଠିଥାଏ। ଚଳିତବର୍ଷ ମଧ୍ୟ କିଟ୍ ଟାଇମ୍ସ ହାୟର ଏଜୁକେସନ ଇମ୍ପାକ୍ଟ ଗ୍ଲୋବାଲ ର୍ୟାଙ୍କିଂ ୨୦୨୫ରେ କିଟ୍ ବହୁତ ଭଲ ପ୍ରଦର୍ଶନ କରିଛି। ୩ ଟି ମାନଦଣ୍ଡ ଆଧାରରେ ଚଳିତ ବର୍ଷ କିଟ୍ ବେଶ୍ ପ୍ରଭାବୀ ର୍ୟାଙ୍କ ହାସଲ କରିଛି। ଅସମାନତା ହ୍ରାସ (ଏସ୍‌ଡିଜି-୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ (ଏସ୍‌ଡିଜି-୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସ୍‌ଡିଜି-୭)ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସ୍‌ଡିଜି-



୪)ରେ ଭାରତରେ କିଟ୍ ୩ୟ ସ୍ଥାନରେ ରହିଛି।
ଇମ୍ପାକ୍ଟ ର୍ୟାଙ୍କିଂରେ ସାମଗ୍ରିକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୫ମ ସ୍ଥାନରେ ରହିଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତି ସଂପନ୍ନ ବିଶ୍ୱବିଦ୍ୟାଳୟ ଏହି ର୍ୟାଙ୍କିଂରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କିଟ୍ ବିଶ୍ୱରେ ୧୦୧ କୋହର୍ଟରେ ରହିଛି।
କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍‌ର ସଫଳତା ଉପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁବନ୍ଧନ ଓ ର୍ୟାଙ୍କିଂରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏବେ କିଟ୍ ବିଶ୍ୱର ସମସ୍ତ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭାରତରେ କିଟ୍ ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ମଧ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇ ପାରିଛି। ଏହିସବୁ ର୍ୟାଙ୍କିଂରେ କିଟ୍‌ର ଲଗାତାର ସଫଳତା ନିରନ୍ତର ଶିକ୍ଷା, ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ସହଯୋଗ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି।




ଭୁବନେଶ୍ୱର : ଗୀତଗୋବିନ୍ଦ ସଦନ ପରିସରରେ ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ୧୦୪ ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ "ଓଡ଼ିଆ ସାହିତ୍ୟର ଆଦି ପର୍ବ ଏବଂ ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର-ମଧ୍ୟପର୍ବ" ୨ଟି ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ସମ୍ମାନିତ ଅତିଥି ଲୋପାମୁଦ୍ରା ମହାନ୍ତି, ପ୍ରଫେସର ଯତୀନ୍ଦ୍ର କୁମାର ନାୟକ, ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ଗୌରହରି ଦାସ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଏବଂ ଅଶିତ୍ ମହାନ୍ତି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ରାଜଭବନର ନୂତନ ଅଭିଶେକ୍ ହଲ୍‌ରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଓ ପ୍ରଥମ ମହିଳା ପ୍ରମୁଖ ଯୋଗ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ନବୀନ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରି ରାମ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ରାମ ମନ୍ଦିର ପ୍ରାଙ୍ଗଣରେ ଭୁବନେଶ୍ୱର ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସଂଯୋଜନାରେ ଶନିବାର ସନ୍ଧ୍ୟାରେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରଦୀପ ପ୍ରଜ୍ୱଳନ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା। ଶ୍ରୀ ପଟ୍ଟନାୟକ କିଭଳି ଶୀଘ୍ର ସୁସ୍ଥ ହୋଇ ଭୁବନେଶ୍ୱର ଫେରିବେ ସେଥିପାଇଁ ପ୍ରଭୁ ଶ୍ରୀରାମଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା ।

# ପୂର୍ବତଟ ରେଳପଥ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥ ଶନିବାର ଭୁବନେଶ୍ୱରର ରେଳବାଇ ଇଣ୍ଡୋର ଷ୍ଟାଡିୟମରେ ଅତ୍ୟନ୍ତ ଉତ୍ସାହ ଏବଂ ଅଂଶଗ୍ରହଣ ସହିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି । ଏହି କାର୍ଯ୍ୟକ୍ରମ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ବହୁ ସଂଖ୍ୟକ ରେଳ କର୍ମଚାରୀ ଏବଂ ବରିଷ୍ଠ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଏହି ଅଧିବେଶନ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ଉତ୍ତମ ସ୍ୱାସ୍ଥ୍ୟ, ଏକାଗ୍ରତା ଏବଂ କର୍ମକ୍ଷେତ୍ରର ମଙ୍ଗଳ ପାଇଁ ରେଳ କର୍ମଚାରୀମାନଙ୍କୁ ସେମାନଙ୍କର ଦିନଚର୍ଯ୍ୟାରେ ଏହାର ଅଭ୍ୟାସକୁ ସାମିଲ କରିବାକୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ସମାବେଶକୁ ସମ୍ବୋଧିତ କରି ଫୁଙ୍କୱାଲ ଯୋଗର ଉପକାରିତା ସମ୍ବନ୍ଧରେ ଆଲୋକପାତ କରି କହିଛନ୍ତି ଯେ ମାନସିକ ସ୍ପଷ୍ଟତା ବୃଦ୍ଧି, ଚାପ ହ୍ରାସ ଏବଂ ଶାରୀରିକ ସୁସ୍ଥତାରେ ଉନ୍ନତି ଆଣିବାରେ ଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୋଗ ଆନ୍ତରିକ ଶାନ୍ତି ଆଣିଥାଏ ଏବଂ ଧ୍ୟାନକୁ ଉନ୍ନତ କରିଥାଏ, ଯାହା ଫଳସ୍ୱରୂପ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ଏବଂ ମଙ୍ଗଳକୁ ସମର୍ଥନ କରେ । ରେଳବାଇ କର୍ମଚାରୀମାନଙ୍କ ପାଇଁ, ଏହା ଆଜିର ଦ୍ରୁତ ଗତିର କାର୍ଯ୍ୟ ପରିବେଶରେ ଏକ ଅତ୍ୟନ୍ତ ଆବଶ୍ୟକୀୟ ସନ୍ତୁଳନ ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି । ତାଲିମପ୍ରାପ୍ତ ଯୋଗ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଅଂଶଗ୍ରହଣକାରୀ ରେଳବାଇ କର୍ମଚାରୀ ଓ ଅଧିକାରୀମାନେ ବିଭିନ୍ନ ଯୋଗ ଆସନ ଏବଂ ଶ୍ୱାସକ୍ରିୟା ବ୍ୟାୟାମର ଏକ ଶୃଙ୍ଖଳା ପ୍ରଦର୍ଶନ କରିଥିଲେ ଯାହା ବିଶ୍ୱବ୍ୟାପୀ ଏହି ଅବସରକୁ ଶକ୍ତି ଏବଂ ପ୍ରତିବଦ୍ଧତାର ସହିତ ଚିହ୍ନିତ କରିଥିଲା। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରେଳ କର୍ମଚାରୀ ମାନଙ୍କ ଦୈନନ୍ଦିନ ଯୋଗ ଅଭ୍ୟାସ ପୂର୍ବତଟ ରେଳପଥର ଏକ ସୁସ୍ଥ ଏବଂ ଉତ୍ପାଦନକ୍ଷମ ସାଂଗଠନିକ ସଂସ୍କୃତିର ଅଂଶ ଭାବରେ ଏହାର କର୍ମଚାରୀଙ୍କ ମଧ୍ୟରେ ସୁସ୍ଥତା ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଅଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୋଗମୟ...

କହିଛନ୍ତି ଯେ, ୧୧ ଥର ପାଇଁ ସମ୍ପୂର୍ଣ୍ଣ ବିଶ୍ୱ ଏକାସାଥିରେ ଯୋଗ କରୁଛି। 'ଯୋଗ'ର ସରଳ ଅର୍ଥ ହେଉଛି 'ଯୋଡିବା' । ଏହା ଦେଖିବାକୁ ବହୁତ ଖୁସି ଲାଗେ ଯେ କିପରି ଯୋଗ ପୂରା ବିଶ୍ୱକୁ ଏକତ୍ର କରିଛି।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ମୋ ଗର୍ବ ହୋଇଥାଏ ଯେତେବେଳେ ମୁଁ ଦେଖେ ଯେ, ଆମର ଦିବ୍ୟାଙ୍ଗ ସାଥୀମାନେ ଯୋଗଶାସ୍ତ୍ର ପଢ଼ନ୍ତି। ବୈଜ୍ଞାନିକମାନେ ମହାକାଶରେ ଯୋଗ କରନ୍ତି। ଗାଁ ଗାଁରେ ଯୁବ ସାଥୀମାନେ ଯୋଗ ଅଲମ୍ପିଆଡରେ ଅଂଶ ନେଉଛନ୍ତି।' ସେ କହିଛନ୍ତି, 'ବିଶାଖାପଟ୍ଟନମ୍ ସହର ପ୍ରକୃତି ଓ ପ୍ରଗତି ଉଭୟର ସଙ୍ଗମ ସ୍ଥଳୀ । ଯୋଗାନ୍ଧ୍ର ଅଭିଯାନ ସହିତ ୨ କୋଟିରୁ ଅଧିକ ଲୋକ ଯୋଡି ହୋଇଛନ୍ତି। ଲୋକଙ୍କର ଏହି ଅଂଶଗ୍ରହଣ ଭାବନା 'ବିକାଶଶୀଳ ଭାରତ'ର ମୂଳ ଆଧାର ।'

ସେ କହିଛନ୍ତି, 'ବିଶ୍ୱରେ ଯୋଗର ପ୍ରସାର ପାଇଁ ଭାରତ ଯୋଗବିଜ୍ଞାନକୁ ଆଧୁନିକ ଗବେଷଣା ଦ୍ୱାରା ଆଉ ଅଧିକ ସଶକ୍ତ କରୁଛି। ଦେଶର ବଡ଼ ବଡ଼ ଚିକିତ୍ସା ପ୍ରତିଷ୍ଠାନମାନେ ଯୋଗ ଉପରେ ଗବେଷଣାରେ ଲାଗିଛନ୍ତି। ଯୋଗର ବୈଜ୍ଞାନିକତାକୁ ଆଧୁନିକ ଚିକିତ୍ସା ପଦ୍ଧତିରେ ସ୍ଥାନ ମିଳିବା – ଏହା ହେଉଛି ଆମର ପ୍ରୟାସ। ପ୍ରଧାନମନ୍ତ୍ରୀ ମୋଦୀ ବିଶାଖାପଟ୍ଟନମ୍‌ରୁ ଜାତୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି।

ଏହି ବର୍ଷର ଥିମ୍ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' । ଏହି ବୈଶ୍ୱିକ ସ୍ୱାସ୍ଥ୍ୟର ଭାରତର ଦୃଷ୍ଟିକୋଣକୁ ପ୍ରତିଧ୍ୱନିତ୍ୱ କରେ ଓ କଲ୍ୟାଣର ଏକତ୍ର ଦୃଷ୍ଟିକୋଣକୁ ପ୍ରଦର୍ଶିତ କରେ। ଏହା 'ସର୍ବେ ସନ୍ତୁ ନିରାମୟା' (ସମସ୍ତେ ରୋଗମୁକ୍ତ ହୁଉନ୍ତୁ) ବୋଲି ଭାରତୀୟ ଚିନ୍ତାଧାରାରୁ ପ୍ରେରିତ ହୋଇ, ମାନବ ଓ ପୃଥିବୀ ସ୍ୱାସ୍ଥ୍ୟର ପରସ୍ପର ସଂପର୍କ ଉପରେ ଗୁରୁତ୍ୱ ଦେଇଥାଏ ।

### ଯୋଗକୁ ବିଦ୍ୟାଳୟ...

ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଅଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ। ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲେ ମଧ ସେଥିପାଇଁ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଜଡିତ ନୁହେଁ। ଶରୀର, ଆତ୍ମା ଏବଂ ଚିନ୍ତନ ଶକ୍ତିକୁ ଉଦ୍‌ବୁଦ୍ଧ କରୁଥିବା ଯୋଗ, ଆଜି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଛି।

ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି 'ଯୋଗ', ଯାହା କେବଳ ଦେଶ ଭିତରେ ସୀମିତ ହୋଇ ରହିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମେ' ମାସରେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଛ' ମାସରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ଫଳରେ ୨୦୧୪ ଡିସେମ୍ବର ୧୧ ତାରିଖରେ ଜାତିସଂଘ ପ୍ରତିବର୍ଷ ଜୁନ ୨୧ ତାରିଖକୁ 'ଅନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରିତ କରିଥିଲା। ଆଜି ପୃଥିବୀର ପ୍ରାୟ ସବୁ ଦେଶରେ ଲୋକେ ଆଗ୍ରହ ଏବଂ ଉତ୍ସାହର ସହିତ ଏହାକୁ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଯାହା, ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ। ଏଥିରେ ଦର୍ଶାଯାଇଛି ଯେ, କିପରି ପ୍ରାଚୀନ ଯୋଗ ଅଭ୍ୟାସ କେବଳ ଶରୀର ଓ ମନକୁ ପୋଷଣ କରେ ନାହିଁ ବରଂ ପ୍ରକୃତି ଏବଂ ସମସ୍ତ ଜୀବଜନ୍ତୁଙ୍କୁ ସମ୍ମାନ ଦେଉଥିବା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ବୋଲି ସେ କହିଛନ୍ତି।

ସେ ପୁଣି କହିଥିଲେ ଯେ, ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରୁଛୁ। ଆମର ସ୍କୁଲ, କଲେଜ, ଛାତ୍ରାବାସ ଏବଂ କ୍ରୀଡା କେନ୍ଦ୍ର ମାଧ୍ୟମରେ ଆମେ କର୍ମଶାଳା ଆୟୋଜନ କରୁଛୁ ଏବଂ ସଚେତନତା ସୃଷ୍ଟି କରୁଛୁ। ଆମେ ଯୋଗକୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ମଧ ପଦକ୍ଷେପ ନେଉଛୁ। ଆମର ଲକ୍ଷ୍ୟ ହେଉଛି ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଏବଂ ଦକ୍ଷ ତଥା ସଶକ୍ତ ଓଡ଼ିଶା ଗଠନ କରିବା। ଆଜି, ଓଡ଼ିଶାର ସମସ୍ତ ଜିଲ୍ଲାରେ ଯୋଗ ଅଧିବେଶନ ଅନୁଷ୍ଠିତ ହେଉଛି। ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ, ହଜାର ହଜାର ଲୋକ ଯୋଗ ପାଳନ କରିବାକୁ ଏକାଠି ହେଉଛନ୍ତି। ଏହି ଗଣ ଅଂଶଗ୍ରହଣ ଆମ ଲୋକଙ୍କ ମଧ୍ୟରେ ବଢୁଥିବା ସଚେତନତା ଏବଂ ସୁସ୍ଥ ଜୀବନଯାପନ ପ୍ରତି ସେମାନଙ୍କର ଆଶା ଓ ବିଶ୍ୱାସକୁ ଦର୍ଶାଉଛି।

ସୂଚନା ଥାଉକି, କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଯୋଗ ଶିବିରରେ ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମେତ ରାଜ୍ୟର ମନ୍ତ୍ରୀଗଣ, ସାଂସଦଗଣ, ବିଧାୟକଗଣ ଓ ବରିଷ୍ଠ ଅଧିକାରୀ ମନେ ଯୋଗ ଦେବା ସହିତ ଯୋଗାଭ୍ୟାସ କରିଥିଲେ। ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

### ଡିଜିସିଏର କଡ଼ା...

ହେବାର କିଛି ମିନିଟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯେଉଁଥିରେ ୨୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁ ହେବାର କିଛି ଦିନ ପରେ ଏହି ଖବର ଆସିଛି । ମୃତକଙ୍କ ମଧ୍ୟରେ କେବଳ ବିମାନରେ ଥିବା ବ୍ୟକ୍ତି ନୁହଁନ୍ତି ବରଂ ଜନବସତିରେ ଥିବା ଅନେକ ଲୋକ ମଧ ଅନ୍ତର୍ଭୁକ୍ତ।

### ଡାଇରିଆ ପରିସ୍ଥିତି ...

ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ପରିସ୍ଥିତି ଯେପରି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିବ, ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠୁ ମେଡ଼ିକାଲ କଲେଜ ଯାଏଁ ଚିକିତ୍ସା ସେବାକୁ ବର୍ତ୍ତମାନ ପରି ସମନ୍ୱିତ ଭାବରେ କାର୍ଯ୍ୟକ୍ଷମ ରଖିବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଏବଂ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଯେଉଁଠାରେ ରୋଗର ଆଶଙ୍କା ଅଛି କିନ୍ତୁ କେସ ନାହିଁ, ସେଠାରେ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଆଗାମୀ ଦଶହରା ପର୍ଯ୍ୟନ୍ତ ସମସ୍ତ ପ୍ରଭାବିତ ଏବଂ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ମାନଙ୍କରେ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ବୈଠକରେ ସୂଚନା ଦିଆଯାଇଥିଲା ଯେ, ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳର ବିଶୋଧନ ପ୍ରକ୍ରିୟା ଚାଲୁରହିଛି । କୌଣସି ସ୍କୁଲରେ ପିଲା ଯେପରି ରୋଗରେ ନପଡନ୍ତି ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନକୁ ସମସ୍ତ ନିୟମାବଳୀ ପାଳନ କରି ପ୍ରତିରୋଧକ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଏହା ମଧ କହିଛନ୍ତି ଯେ, ଯେଉଁ ବିଭିନ୍ନ ସ୍ଥାନ ମାନଙ୍କରେ ଯେଉଁଠାରେ ଷ୍ଟ୍ରିଟ ଫୁଡ ବିକ୍ରି ହେଉଛି, ସେହି ସ୍ଥାନ ମାନଙ୍କରେ ଖାଦ୍ୟ ପଦାର୍ଥର କଡାକଡି ଯାଞ୍ଚ କରିବା ଆବଶ୍ୟକ ଏବଂ ସେହି ଅଞ୍ଚଳ ଗୁଡିକୁ ବିଶୋଧନ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବା ଦରକାର। ସମସ୍ତ ଗାଁ ଗହଳି ଅଞ୍ଚଳରେ ନଳକୂପ ଗୁଡିକୁ ବିଶୋଧିତ କରିବା ଏବଂ ସେହି ଅଞ୍ଚଳର ପାନୀୟଜଳର ପରୀକ୍ଷା କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ସୂଚନାଯୋଗ୍ୟଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ପ୍ରଭାବିତ ଜିଲ୍ଲା ମାନଙ୍କରେ ସମୁଦାୟ ୩୮୯୨ ଜଣ ରୋଗଗ୍ରସ୍ତ ହୋଇଥିବା ବେଳେ ୩୫୪୩ ଜଣ ସୁସ୍ଥ ହୋଇସାରିଛନ୍ତି ଏବଂ ୨୫୪ ଜଣ ଚିକିତ୍ସାଧୀନ ଅଛନ୍ତି ।

ରାଜ୍ୟ ସାରା ସୂଚନା- ଶିକ୍ଷା- ସଂଚାର ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ ଜୋରଦାର ଭାବରେ ଜାରି ରହିଛି । ମିଶନଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ଏସଏଚଜି ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ ଜାରି ରହିଛି । ଆଶା ଦିଦି, ଅଙ୍ଗନବାଡି କର୍ମୀ, ମହିଳା ଏସଏଚଜି ସଦସ୍ୟାମାନେ ସମସ୍ତ ପରିବାରଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପାଇଁ ଅଭିଯାନରେ ସକ୍ରିୟ ଭାବରେ ସଂଶ୍ଳିଷ୍ଟ ଅଛନ୍ତି।

ଏହି ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଅଶ୍ୱଥି ଏସ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ସୁରକ୍ଷା ବିଭାଗ, ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ମାନେ ଉପସ୍ଥିତ ଥିଲେ ।

### ସୁବର୍ଣ୍ଣରେଖାରେ...

ଏବେ ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା ଜଳ ପ୍ରବାହିତ ହେଉଛି। ଉପର ମୁଣ୍ଡରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ପଦକ୍ଷେପ ନିଆଯାଉଛି। ଏବେ ସମୁଦ୍ରରେ ପରିସ୍ଥିତି ଅନୁକୂଳ ଥିବାରୁ ଶୀଘ୍ର ପାଣି କମିବ ।

### ଭାସିଗଲେ ...

ବର୍ଷା ହେବାରୁ ତଳ ମୁଣ୍ଡରେ ବନ୍ୟା ଦେଖାଦେଇଛି । ଝାଡ଼ଖଣ୍ଡ ଗାଲୁଡ଼ିହିରୁ ଉଦବୃତ୍ତ ବର୍ଷାପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେବାରୁ ଉତ୍ତର ବାଲେଶ୍ୱର ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକରେ ବନ୍ୟାସ୍ଥିତି ଗମ୍ଭୀର ହୋଇଛି।

# ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**
ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟ ଏବଂ ଏହାର ଆଖପାଖ ଅଞ୍ଚଳର ଲୋକଙ୍କୁ ନେଇ ବେଶ ଉତ୍ସାହର ସହ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । ଚଳିତବର୍ଷର ବିଷୟବସ୍ତୁ "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'' ଉପରେ ପର୍ଯ୍ୟବେଶିତ ହୋଇଥିବା ଏହି କାର୍ଯ୍ୟକ୍ରମ, ବ୍ୟକ୍ତିଗତ କଲ୍ୟାଣ ଓ ସମଗ୍ର ବିଶ୍ୱର ସ୍ୱାସ୍ଥ୍ୟ ଉପରେ କେନ୍ଦ୍ରୀତ ହୋଇଥିଲା । ଯାହା ଜେଏସପିର ଚିରସ୍ଥାୟୀ ବିକାଶ ଏବଂ ସାମଗ୍ରିକ ଜୀବନଯାପନର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଜେଏସପିର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ଶ୍ରମିକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଂଚଳର ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ । ଜିନ୍ଦଲ ନଗରଠାରେ ଅନୁଷ୍ଠିତ ହୋଇଥିବା ଯୋଗ ଶିବିରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୁଳ ପ୍ଲାଂଟ ମୁଖ୍ୟ ଶ୍ରୀ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ଦାମୋଦର



ମିତ୍ତଲ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀ ଦିଲ୍ଲୀପ ସିହ୍ନା, ଷ୍ଟିଲ୍ ଜୋନର ସଭାପତି ଶ୍ରୀ ଅତୁଲ ଦୁବେ, ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ ନିକଟବର୍ତ୍ତୀ ସମ୍ପ୍ରଦାୟର ପ୍ରତିନିଧିମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ମାର୍ଗଦର୍ଶନରେ ଯୋଗର ବିଭିନ୍ନ ଆସନ କରାଯାଇଥିଲା । ଏଥିରେ ଶାରୀରିକ ଶକ୍ତି, ମାନସିକ ଶକ୍ତି ପାଇଁ ଅବାଶ୍ୟକ କୌଶଳ ସମେତ ପ୍ରକୃତି ସହ ସମନ୍ୱୟ ରକ୍ଷାକରି କିଭଳି ଯୋଗ ଆସନ ସବୁ କରାଯାଇପାରିବ ସେ ସମ୍ପର୍କରେ ଅବଧାରଣା ଦିଆଯାଇଥିଲା । ଏହି ଅବସରରେ ପଙ୍କଜ ମଲହାନ କହିଥିଲେ, ସ୍ୱାମୀ ସତ୍ୟବିନ୍ଦୁ ଜୀଙ୍କ ମାର୍ଗଦର୍ଶନରେ ପରିଚାଳିତ ଯୋଗ ଶିବିର ବର୍ତ୍ତମାନ ଆମର ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଇଛି । ଏହିବର୍ଷର ବିଷୟବସ୍ତୁ ଆମକୁ ମନେ ପକାଇ ଦିଏ ଯେ, ଆମର ସ୍ୱାସ୍ଥ୍ୟର ଯତ୍ନ ନେବା ଭଳି ଆମକୁ ପୃଥିବୀର ଯତ୍ନ ମଧ୍ୟ ନେବା ଦରକାର। ଆସନ୍ତୁ ଏହି ବାର୍ତ୍ତାକୁ ଆଜିଠାରୁ ଆଗେଇ ନେବା ଏବଂ ଏହାକୁ ଆମର ଦୈନନ୍ଦିନ ଜୀବନରେ ସାମିଲ କରିବା । ଏକତ୍ରିତ ହୋଇଥିବା ସମସ୍ତ ଯୋଗପ୍ରେମୀଙ୍କୁ ସମ୍ବୋଧନ କରି ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ କହିଥିଲେ, "ଆମେମାନେ ଭାଗ୍ୟବାନ ଯେ, ଶ୍ରୀ ନବୀନ ଜିନ୍ଦଲ ଜୀଙ୍କ ଭଳି ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ପାଇଛୁ, ଯିଏ ସ୍ୱାସ୍ଥ୍ୟ ଏବଂ ଜନକଲ୍ୟାଣକୁ ପ୍ରୋତ୍ସାହନ କରିବାରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପ୍ରତିଦିନ ଯୋଗ ଅଭ୍ୟାସ କରି ଆମେ କେବଳ ଆମର ଶରୀର ଏବଂ ମନକୁ ଶକ୍ତଶାଳୀ କରୁ ନାହୁଁ ବରଂ ଏକ ସନ୍ତୁଳିତ ଓ ସୁସ୍ଥ ବିଶ୍ୱ ଗଠନରେ ମଧ୍ୟ ଯୋଗଦାନ ଦେଉଛୁ । ଆସନ୍ତୁ ଏହି ସମ୍ପର୍କକୁ ସମ୍ମାନ ଦେବା ଏବଂ ନିୟମିତ ଯୋଗ ଅଭ୍ୟାସ ପାଇଁ ପ୍ରତିବଦ୍ଧ ହେବା ।'' କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଶ୍ରୀ ଦାମୋଦର ମିତ୍ତଲ କହିଥିଲେ, "ଆମେ ଜଣେ ଉତ୍ସର୍ଗୀକୃତ ଯୋଗଗୁରୁ ପାଇ କୃତଜ୍ଞ। ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଜୀଙ୍କ ମାର୍ଗଦର୍ଶନରେ ଆମର କର୍ମଚାରୀମାନେ ଯେ, କେବଳ ଫିଟ୍ ଏବଂ ସୁସ୍ଥ ହୋଇଛନ୍ତି ତାହାନୁହେଁ ଆଜି ସେମାନେ ଯୋଗର ଏକ ବାର୍ତ୍ତା ବାହକ ଭାବେ କାର୍ଯ୍ୟକରୁଛନ୍ତି ଏବଂ ସେମାନେ ସେମାନଙ୍କ ନିକଟ ସମ୍ପର୍କୀୟ ଏବଂ ସଂପ୍ରଦାୟର ବହୁ ଲୋକଙ୍କୁ ଯୋଗର ଉପକାରିତା ବିଷୟରେ ବୁଝାଇବାରେ ସକ୍ଷମ ହୋଇପାରିଛନ୍ତି । ଓ.ପି ଜିନ୍ଦଲ ସ୍କୁଲ, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ, ଜିନ୍ଦଲ ଆଶା, ଜନଜୀବିକା କେନ୍ଦ୍ର, ଶ୍ରମ ବୀର ପ୍ୟାଲେସ ଏବଂ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନ୍ୟାନ୍ୟ ସମ୍ପ୍ରଦାୟ କେନ୍ଦ୍ରଗୁଡ଼ିକରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଛି । "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ''ର ବାର୍ତ୍ତା ନେଇ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜୀବିକା କେନ୍ଦ୍ରରେ ଔଷଧୀୟ ବୃକ୍ଷ ମଧ୍ୟ ରୋପଣ କରାଯାଇଥିଲା ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-371E, ତା.16.06.2025ରିଖ
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଶାଳଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ଷ୍ଟେସନ ଭବନ, ବୁକିଙ୍ଗ କାଉଣ୍ଟର, ସଂକେତ ଏବଂ ଦୂରସଂଚାର ଗୁମଟି, ଲେଭେଲ କ୍ରସିଙ୍ଗ ଗୁମଟି, ଲେଭେଲ କ୍ରସିଙ୍ଗ ଫାଟକ, SSE କାର୍ଯ୍ୟାଳୟ (2 ଗୋଟି), SRH (1 ଗୋଟି), ମେରାମଣ୍ଡଳୀରେ ରନିଙ୍ଗ୍ ରୁମ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍ II-54 ସଂଖ୍ୟକ, ଟାଇପ୍ III-17 ସଂଖ୍ୟକ ଏବଂ ଟାଇପ୍ IV-6 ସଂଖ୍ୟକ), ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, HT/LT ଲାଇନ୍, 63KVA S/Sର ସ୍ଥାନାନ୍ତରଣର ଅବଶିଷ୍ଟ ବିଦ୍ୟୁତୀକରଣ କାର୍ଯ୍ୟ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 225.08 ଲକ୍ଷ, EMD : ₹ 2,62,600/-, କାର୍ଯ୍ୟ ଶେଷ ହେବା ଅବଧି : 10 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.07.2025ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।
**ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।**
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର
PR-46/CI/25-26



'ଆଧୁନିକ ଜୀବନର ଚାପ, ବିଭିନ୍ନ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ।ଏଥିପାଇଁ ଯୋଗ ଶାରୀରିକ, ମାନସିକ ଶାନ୍ତି ଭାବପ୍ରବଣତା ନିୟନ୍ତ୍ରଣ ଓ ସ୍ଥିରତା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ।' ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ, ବିଜୁ ପଟ୍ଟନାୟକ ପାର୍କ ପରିସରରେ ପାର୍କ ଆସୋସିଏସନ ତରଫରୁ ଶ୍ରୀ ଦୁର୍ଯ୍ୟୋଧନ ପରିଡା, ଉତ୍କଳ କୁମାର ଆଇଚ, ଅନିରୁଦ୍ଧ ସାହୁ, ନାରାୟଣ ସାହୁ, ପୂର୍ଣ୍ଣ ରଥ, ରାଜେଶ, ବିଜୟ, ମନୋଜ ପାତ୍ର ଏବଂ ଦିବାକର ମିଶ୍ର ପ୍ରମୁଖ ଯୋଗ ଦିବସ ପାଳନ କରୁଛନ୍ତି।



ହରିଆଣା ପ୍ରଦେଶର ସନ୍ଦୀପ ଆର୍ଯ୍ୟ ବୁନ୍ଦାଏ ବି ପାଣି ନ ପିଇ, ମଳମୂତ୍ର ତ୍ୟାଗ ନ କରି ନିରବଚ୍ଛିନ୍ନ ଭାବେ ୩୭ ଘଣ୍ଟା ମଧ୍ୟରେ ୨୦,୦୦୦ ଥର 'ସୂର୍ଯ୍ୟ-ନମସ୍କାର' ଯୋଗାସନ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି।

ଭୁବନେଶ୍ୱର
୨୨ ଜୁନ୍,
ରବିବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଖଳିଲାଗି ଏକାଦଶୀଠାରୁ ସୁସ୍ଥ ହେଉଛନ୍ତି ମହାପ୍ରଭୁ



**ପୁରୀ, ୨୧/୦୬ ନ୍ୟୁଜ ବ୍ୟୁରୋ**

ଶନିବାର ଖଳିଲାଗି ଏକାଦଶୀ । ଅନବସରରେ ସୁସ୍ଥ ହେଉଛନ୍ତି ମହାପ୍ରଭୁ । ଓଷୁଅ ଲେପନ ପରେ ଚକା ଉପରକୁ ଉଠିଛନ୍ତି ମହାପ୍ରଭୁ । ଅନବସରର ଦଶମ ଦିନରେ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ପ୍ରଦାନ କରାଯାଇଛି । ପତିମହାପାତ୍ର ମହାପ୍ରଭୁଙ୍କୁ ଦଶମୂଳ ମୋଦକ ସମର୍ପଣ କରିବା ପରେ ସୁସ୍ଥ ହେଉଛନ୍ତି ଶ୍ରୀଜୀଉ । ଏକାଦଶୀରେ ମହାପ୍ରଭୁ ମସ୍ତକରେ ତୁଳସୀ, ରଙ୍ଗବେରଙ୍ଗର ଫୁଲ ଓ ବସ୍ତ୍ର ପରିଧାନ କରିଛନ୍ତି । ଏହାସହ ଘଣ୍ଟଘଣ୍ଟା ବାଜି ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ରବିବାର ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କ ସୁସ୍ଥତାର ଖବର ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କୁ ପ୍ରଦାନ କରାଯିବ । ସେପଟେ ବିଶ୍ୱପ୍ରସିଦ୍ଧ ରଥ ଯାତ୍ରା ପାଇଁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ୩ ରଥର ନିର୍ମାଣ କାମ ।



ଭୁବନେଶ୍ୱର : ଡା. ଜଗନ୍ନାଥ ମହାପାତ୍ରଙ୍କ ଦ୍ୱିତୀୟ ଶ୍ରଦ୍ଧା ଉତ୍ସବ ଅବସରରେ ଶହୀଦ ନଗର ସ୍ଥିତ ଜଗନ୍ନାଥ ହସ୍ପିଟାଲ୍ ପରିସରରେ ଉକ୍ତ ଚିକିତ୍ସାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡା. ଜଗନ୍ନାଥ ମହାପତ୍ରଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି ଡା. ମହାପାତ୍ରଙ୍କ ଗୁରୁମା ଶ୍ରୀମତୀ ଲାବଣ୍ୟ ନାୟକ ଓ ପ୍ରିୟବନ୍ଧୁ ସଚ୍ଚିଦାନନ୍ଦ ରଥ । ଏହି କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ଚିକିତ୍ସକ, କର୍ମଚାରୀଗଣ, ସ୍ଥାନୀୟ ବନ୍ଧୁ ଓ ଶୁଭଚିନ୍ତକ ତଥା ପରିବାରର ସଦସ୍ୟମାନେ ଉପସ୍ଥିତ ଅଛନ୍ତି ।



ଶହୀଦନଗର ଦୁର୍ଗା ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାପିଟାଲ୍ ହାଇସ୍କୁଲର ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ପ୍ରିୟଙ୍କା ମୁଦୁଲିଙ୍କୁ ଡା. ଜଗନ୍ନାଥ ମହାପାତ୍ର ସ୍ମୃତି ପୁରସ୍କାର ସ୍ୱରୂପ ମାନପତ୍ର ଓ ୧୦ହଜାର ଟଙ୍କା ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ "କଥା କଳିକା"ର ମୁଖ୍ୟ ସମ୍ପାଦିକା ତଥା ବିଶିଷ୍ଟ ଅନୁବାଦିକା ଶ୍ରୀମତୀ ସୁପ୍ରଭା ରାୟ, କଥାକାର ଡ. ଅର୍ଚ୍ଚନା ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ବିଶିଷ୍ଟ ସାହିତ୍ୟିକା ସଂଘମିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି । (ଫଟୋ : ସମ୍ବାଦ କଳିକା)

# ଯୋଗ ହେଉଛି ସନାତନର ସାର ଓ ପରମ ସତ୍ୟ : ସ୍ୱାମୀ ରାମଦେବ





**କୁରୁକ୍ଷେତ୍ର,୨୧/୦୬**

ପୂଜ୍ୟ ସ୍ୱାମୀ ରାମଦେବ ଜୀ ମହାରାଜଙ୍କ ମାର୍ଗଦର୍ଶନରେ ପତଞ୍ଜଳି ଯୋଗପୀଠ ଏବଂ ହରିୟାଣା ଯୋଗ କମିଶନ ଆୟୁଷ ବିଭାଗ ହରିୟାଣାର ମିଳିତ ତତ୍ତ୍ୱାବଧାନରେ କୁରୁକ୍ଷେତ୍ରରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜିତ ହୋଇଥିଲା । ଏହି ଅବସରରେ ସ୍ୱାମୀ ରାମଦେବ ଜୀ ମହାରାଜ, ଆଚାର୍ଯ୍ୟ ବାଳକୃଷ୍ଣ ଜୀ ମହାରାଜ ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ ଯୋଗାଭ୍ୟାସକାରୀଙ୍କୁ କୁରୁକ୍ଷେତ୍ରର ଐତିହାସିକ ଭୂମି ବ୍ରହ୍ମସରୋବରରେ ଯୋଗାଭ୍ୟାସ କରାଇଥିଲେ । ଏହା ସହିତ ପତଞ୍ଜଳି ଯୋଗ ସମିତି ମାଧ୍ୟମରେ ଦେଶର ସମସ୍ତ ୬୫୦ ଜିଲ୍ଲାରେ ସାଧାରଣ ଯୋଗ ପ୍ରୋଟୋକଲ ଅଧୀନରେ ମାଗଣା ଯୋଗ ତାଲିମ ଦିଆଯାଇଥିଲା । କୁରୁକ୍ଷେତ୍ରର ପବିତ୍ର ଭୂମିରେ ୧ ଲକ୍ଷରୁ ଅଧିକ ଯୋଗାଭ୍ୟାସକାରୀ ଏକତ୍ର ଯୋଗାଭ୍ୟାସ କରି ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମରେ ପୂଜ୍ୟ ସ୍ୱାମୀ ଜୀ ମହାରାଜ ଉପସ୍ଥିତ ଯୋଗାଭ୍ୟାସକାରୀଙ୍କୁ ଯୋଗ ଏବଂ ସ୍ୱଦେଶୀର ପ୍ରତିଜ୍ଞା କରାଇଥିଲେ । ଏହି ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ଥିଲା 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' । ଏହି ଅବସରରେ ସ୍ୱାମୀ ରାମଦେବ ଜୀ ମହାରାଜ କହିଥିଲେ ଯେ ବର୍ତ୍ତମାନ ବିଶ୍ୱରେ ୨୦୦ କୋଟିରୁ ଅଧିକ ଲୋକ ଯୋଗ କରୁଛନ୍ତି, ଯୋଗ ଏବେ ଯୁଗଧର୍ମରେ ପରିଣତ ହୋଇଛି । ସେ କହିଥିଲେ ଯେ ଯୋଗ ହେଉଛି ସନାତନର ସାର । ଯୋଗ ହେଉଛି ଏକ ଅତୁଳନୀୟ ଜ୍ଞାନ, ଯୋଗ ଆମର ସଂସ୍କାର, ସଂସ୍କୃତି ଏବଂ ପ୍ରକୃତିରେ ଅଛି । ଯୁଗ ଯୁଗ ଧରି ଯୋଗ ଆମ ଭିତରେ ଘଟୁଛି । ଯୋଗ ହେଉଛି ଜୀବନର ସତ୍ୟ । ଯୋଗ ହେଉଛି ବୁଦ୍ଧି, କାମ, ପ୍ରକୃତି ଏବଂ ସଂସ୍କୃତିର ଆଧାର । ଯୋଗ ହେଉଛି ସାଂସ୍କୃତିକ ସମୃଦ୍ଧିର ଆଧାର । ଐତିହ୍ୟ ଭିତ୍ତିକ ବିକାଶର ସ୍ଲୋଗାନ ଆମର ଯୋଗୀ ଯୋଦ୍ଧା ପ୍ରଧାନମନ୍ତ୍ରୀ ମୋଦୀ ଜୀ ଦେଇଛନ୍ତି । ସ୍ୱାମୀ ଜି କହିଛନ୍ତି ଯେ ଯୋଗୀ ଯୋଦ୍ଧା ଶ୍ରୀ ମୋଦୀ ଜୀ ଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ମୁଖିଆଙ୍କୁ ଚିଠି ଲେଖିଛନ୍ତି । ସରପଞ୍ଚ ଏବଂ ଗ୍ରାମ ମୁଖିଆ ଏବେ ସକ୍ଷମ ଯୋଗପଞ୍ଚ ଏବଂ ଯୋଗପ୍ରଧାନ ହେବା ଉଚିତ । ପ୍ରଧାନମନ୍ତ୍ରୀ ଯେଉଁଠାକୁ ଯାଆନ୍ତି, ସେ ଯୋଗ, ଭାରତୀୟ ସଂସ୍କୃତି ଏବଂ ସନାତନର ପ୍ରତୀକ ଶ୍ରୀମଦ୍ ଭଗବଦ୍ ଗୀତା ପ୍ରଦାନ କରନ୍ତି । ରାଷ୍ଟ୍ରପତିଙ୍କଠାରୁ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ଦେଶରେ ଗୃହମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ଯୋଗୀ । ଆଜି ଦେଶର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଗୃହମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଯୋଗ କରନ୍ତି । ଏହି ଅବସରରେ ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନି କହିଥିଲେ ଯେ ଯୋଗକୁ ସାଧାରଣ ଲୋକଙ୍କ ପାଖକୁ ନେଇଯିବାକୁ ପଡିବ । ହରିୟାଣା ଏବଂ କେନ୍ଦ୍ର ସରକାର ଏଥିପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଆମର ଲକ୍ଷ୍ୟ ହେଉଛି ହରିୟାଣାକୁ ନିଶାମୁକ୍ତ ଏବଂ ଚାପମୁକ୍ତ କରିବା । କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଳକୃଷ୍ଣ ଜୀ କହିଥିଲେ ଯେ ଯଦି ଦୈନନ୍ଦିନ ଜୀବନରେ ଅଧ ଘଣ୍ଟା ମଧ୍ୟ ଯୋଗର ବ୍ୟବହାରିକ ଅଭ୍ୟାସ କରାଯାଏ, ତେବେ ଜୀବନକୁ ସୁସ୍ଥ, ସୁଖୀ ଏବଂ ଆନନ୍ଦଦାୟକ କରାଯାଇପାରିବ । ଏହି କାର୍ଯ୍ୟକ୍ରମରେ ହରିୟାଣା ରାଜ୍ୟପାଳ ବଙ୍ଗାରୁ ଦତ୍ତାତ୍ରେୟ, ହରିୟାଣା ମନ୍ତ୍ରୀ ଆରତୀ ରାଓ ଜୀ, ସାଂସଦ ନବୀନ ଜିନ୍ଦଲ, ଆୟୁଷ ବିଭାଗର ମହାନିର୍ଦ୍ଦେଶକ ସଞ୍ଜୀବ ବର୍ମା, ପତଞ୍ଜଳି ପ୍ରତିଷ୍ଠାନରୁ ସାଧ୍ୱୀ ଦେବପ୍ରିୟା ଜୀ, ଯୋଗ କମିଶନର ଅଧ୍ୟକ୍ଷ ଭାଇ ରାକେଶ ଜୀ, ହରିୟାଣା ରାଜ୍ୟ କମିଟିରୁ ଈଶ କୁମାର ଆର୍ଯ୍ୟ ଜୀ, ଭଉଣୀ ଅମର ଜୀ ଇତ୍ୟାଦି ପ୍ରାୟ ୪୦୦ ଗ୍ରାମ ସହିତ ଯୋଗାଯୋଗ କରିଥିଲେ ଏବଂ ହରିୟାଣାର ପ୍ରତ୍ୟେକ ଗ୍ରାମ ଏବଂ ଜିଲ୍ଲାର ଅଂଶଗ୍ରହଣ ସୁନିଶ୍ଚିତ କରିଥିଲେ । ଏହି କାର୍ଯ୍ୟକ୍ରମରେ, ବ୍ରହ୍ମ ସରୋବର କୁରୁକ୍ଷେତ୍ରରେ ଏକ ଲକ୍ଷରୁ ଅଧିକ ଲୋକ ଅନଲାଇନରେ ଅଂଶଗ୍ରହଣ କରିଥିଲେ ଏବଂ ସମଗ୍ର ହରିୟାଣାର ଜିଲ୍ଲା ସ୍ତରୀୟ ଏବଂ ତହସିଲ ସ୍ତରରେ ୧୧ ଲକ୍ଷରୁ ଅଧିକ ଲୋକ ଅନଲାଇନରେ ଅଂଶଗ୍ରହଣ କରିଥିଲେ ।

# ଓମ୍ ପ୍ରାଣାୟମ କେନ୍ଦ୍ରର ଅନ୍ତର୍ଜାତୀୟ ଯୋଗଦିବସ ପାଳନ





**ଭୁବନେଶ୍ୱର, ୨୧/୦୬ ନ୍ୟୁଜ ବ୍ୟୁରୋ**

ଦୀର୍ଘ ୨୩ ବର୍ଷର ନିୟମିତ ଅଭ୍ୟାସ ଓ ଅଭିଜ୍ଞତାକୁ ପାଥେୟ କରି ବିଜୁ ପଟ୍ଟନାୟକ ପାର୍କରେ ଚାଲିଆସିଥିବା ଅଗ୍ରଣୀ ଯୋଗ ଓ ପ୍ରାଣାୟମ ସଂସ୍ଥା ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯାଇଥିଲା । ଓମ୍ ପ୍ରାଣାୟମ କେନ୍ଦ୍ରର ମୁଖ୍ୟ ତଥା ଯୋଗ ଓ ପ୍ରାଣାୟମ ଗୁରୁ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗ୍ରହ ଓ ଉଦ୍ଦୀପନା ମାଧ୍ୟମରେ ପ୍ରାଣାୟମ କେନ୍ଦ୍ରର ସଦସ୍ୟମାନେ ନିଷ୍ଠାର ସହ ଯୋଗ ଦିବସ ପାଳନ କରିଥିଲେ । ଉତ୍ସବର ପ୍ରାରମ୍ଭରେ ଯୋଗଗୁରୁ ଶ୍ରୀ ଅଗ୍ରୱାଲଙ୍କୁ ପୁଷ୍ପମାଲ୍ୟ ଦେଇ ସଦସ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ଅଗ୍ରୱାଲ ଯୋଗ ଓ ପ୍ରାଣାୟମର ପ୍ରାସଙ୍ଗିକତା ଆଧୁନିକ ଯୁଗରେ କିଭଳି ରହିଛି ତାହା ବର୍ଣ୍ଣନା କରିଥିଲେ । ସୁସ୍ଥ ମନ ଓ ନିରୋଗ ରହିବା କ୍ଷେତ୍ରରେ ଯୋଗ ପ୍ରାଣାୟମର ଗୁରୁତ୍ୱ ଉପରେ ଅନ୍ୟ ସଦସ୍ୟମାନେ ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଚିତ୍ତରଞ୍ଜନ ମହାରଣା, ସ୍ୱଦେଶ କୁମାର ରାଲହାନ୍, ଅଲେଖ ନାୟକ, ଅମ୍ବିକା ଦାସ, ବାଦଲ ପରିଜା, ଦୀପ୍ତି ରଞ୍ଜନ ମିଶ୍ର, ଡାକ୍ତର ବିଷ୍ଣୁ ଚରଣ ଦାଶ, ଗୋପବନ୍ଧୁ ନାୟକ, ହେମନ୍ତ ସାହୁ, କିଶୋର ଭାଇ ଖେମଜୀ, ମନ୍ମଥ କୁମାର ଶତପଥୀ, ମୀରାଜ ଅହମ୍ମଦ୍, ନୀହାର ଦାସ୍, ପ୍ରଫୁଲ୍ଲ କୁମାର ରଥ, ରାମଚନ୍ଦ୍ର ସାମନ୍ତରାୟ, ସୌରେନ୍ଦ୍ର ଦାସ, ସୁରେଖା ଜୀ ଏବଂ ନବକିଶୋର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀ ମହାତ୍ମା ଗାନ୍ଧୀ ପାର୍କରେ ନାଲ୍‌କୋ ପକ୍ଷରୁ 'ପ୍ରକୃତି ଯୋଗ ଭୂମି' ଶୁଭାରମ୍ଭ

**ଭୁବନେଶ୍ୱର/ପୁରୀ,୨୧/୦୬ ନ୍ୟୁଜ ବ୍ୟୁରୋ**




ସୁସ୍ଥତା ଏବଂ ଯୋଗାଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନାଲ୍‌କୋ ପକ୍ଷରୁ ପୁରୀର ମହାତ୍ମା ଗାନ୍ଧୀ ପାର୍କ ପରିସରରେ ଏକ 'ପ୍ରକୃତି ଯୋଗ ଭୂମି' ପ୍ରସ୍ତୁତ କରାଯାଇଛି । ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଶନିବାର ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି ସମର୍ପିତ ଯୋଗ ସ୍ଥାନର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ ଏବଂ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ନାଲ୍‌କୋ ଦ୍ୱାରା ବିକଶିତ ଓ ପରିଚାଳିତ 'ମହାତ୍ମା ଗାନ୍ଧୀ ପାର୍କ' ପୁରୀର ସମସ୍ତ ବର୍ଗର ନାଗରିକମାନଙ୍କ ପାଇଁ ଏକ ଲୋକପ୍ରିୟ ସ୍ଥାନ ପାଲଟିଛି । ଏହି ଅବସରରେ ପାର୍କ ପରିସରରେ ଉପସ୍ଥିତ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା 'ଏକ ପେଡ଼ ମା କେ ନାମ' ଅଭିଯାନ ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଅନ୍ତର୍ଜାତୀୟ ଯୋଗ ଦିବସ ପରିପ୍ରେକ୍ଷୀରେ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟ ସମେତ ମାଇନ୍ସ ଓ ରିଫାଇନେରୀ କମ୍ପ୍ଲେକ୍ସ, କୋରାପୁଟ, ସ୍ମେଲ୍ଟର ଓ ପାୱାର କମ୍ପ୍ଲେକ୍ସ, ଅନୁଗୋଳ, ପୋର୍ଟ ଫାସିଲିଟିଜ, ବିଶାଖାପାଟଣା ତଥା ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ସାମୁହିକ ଯୋଗ ଶିବିରର ଆୟୋଜନ କରାଯାଇଥିଲା ।

